୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Vol.27. No.113 Bhubaneswar Thursday June 12 2025 | ୨୭ତମ ବର୍ଷ ସଂଖ୍ୟା–୧୧୩ ଭୁବନେଶ୍ୱର ଗୁରୁବାର, ଜୁନ ୧୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS




# କଥାଦେଇ କଥା ରଖିଲେ ଲୋକଙ୍କ ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଲୋକଙ୍କ ପାଇଁ, ଲୋକଙ୍କ ସରକାର
କାର୍ଯ୍ୟକ୍ଷମ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଲୋକଙ୍କ ପାଖରେ ପହଞ୍ଚିଲା ସରକାର, ସମ୍ବଲପୁରରେ ହେଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରାୟ ୮୫% ଅଭିଯୋଗ ସମାଧାନ

ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ୫ଲକ୍ଷରୁ ଅଧିକ ଅଭିଯୋଗ ସମାଧାନ

## ମହିଳା ସଶକ୍ତିକରଣ
ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ

୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଆର୍ଥିକ ଅନଗ୍ରସର ପରିବାରର ଝିଅମାନଙ୍କୁ ସ୍ଥାନୀୟ ପରମ୍ପରା ଅନୁସାରେ ଗଣ ବିବାହ

## କୃଷି ଓ କୃଷକ ସଶକ୍ତିକରଣ
ସମୃଦ୍ଧ କୃଷକ ଯୋଜନାରେ ଧାନର କ୍ୱିଣ୍ଟାଲ ପିଛା MSP ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା

ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ପାଇଁ ନିଷ୍ପତ୍ତି

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ୧୫ ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା
AB-PMJAY ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଦେଶର ୨୯ ହଜାରରୁ ଅଧିକ ଚିକିତ୍ସାଳୟରେ ନଗଦବିହୀନ ଚିକିତ୍ସା ସୁବିଧା

ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଉନ୍ନତ ଚିକିତ୍ସା ସୁବିଧା

ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୭୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା

## ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ
ଜାତୀୟ ଶିକ୍ଷା ନୀତି – ୨୦୨୦ କାର୍ଯ୍ୟକାରୀ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଶତାୟୁ ବିଦ୍ୟାଳୟଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ

## ଗ୍ରାମୀଣ ଭିତ୍ତିଭୂମି ବିକାଶ
ଗ୍ରାମ ଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶା

୩ ଲକ୍ଷ ୬୫୮ ଘରୋଇ ଟ୍ୟାପ ସଂଯୋଗୀକୃତ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୨.୬୭ ଲକ୍ଷ ଘର ନିର୍ମିତ ଓ ୩୬ ଲକ୍ଷ ନୂତନ ହିତାଧିକାରୀ ଚିହ୍ନଟ

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ ଘର ମଞ୍ଜୁର

## ଜନଜାତି ବିକାଶ
ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୧,୭୨,୩୫୬ ଜଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ

ଆବାସିକ ବିଦ୍ୟାଳୟଗୁଡ଼ିକ ପାଇଁ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା

ଜନଜାତି ଶିଶୁମାନଙ୍କ ଶିକ୍ଷା ଏବଂ ଜ୍ଞାନାତ୍ମକ ବିକାଶ ଉଦ୍ଦେଶ୍ୟରେ "ଆମେ ପଢ଼ିବା ଆମ ଭାଷାରେ" ଅଭିଯାନ କାର୍ଯ୍ୟକାରୀ

## ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ
ଅଦ୍ୟାବଧି ୨୭,୩୮୨ ମୂଳ ସରକାରୀ ପଦବୀ ପୂରଣ

ସରକାରୀ ଚାକିରୀ ବୟସ ସୀମା ୪୨ କୁ ବୃଦ୍ଧି

ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ

## ସମୃଦ୍ଧ ଓଡ଼ିଶା ପାଇଁ ଶିଳ୍ପାୟନ
ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ, ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ଲକ୍ଷ୍ୟ, ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି

କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ସମୁଦାୟ ୨୦ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ; ଶୁଭ ଉଦ୍‌ଘାଟନ; ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି

ଖୋର୍ଦ୍ଧାରେ ୫,୭୭୦ କୋଟି ଟଙ୍କାର ୧୪ଟି ପରିବର୍ତ୍ତନକାରୀ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ; ଭିତ୍ତି ପ୍ରସ୍ତର ସ୍ଥାପନ; ୩୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି




ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS-29
15001/13/0683/2526

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁନ ୧୨

# ରେଳବାଇକୁ ଶନିଦଶା !



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଆନ୍ଧ୍ର ପ୍ରଦେଶର ବିଜୟନଗରମ ଜିଲ୍ଲାରେ ଟ୍ରେନ ଦୁର୍ଘଟଣା, ଯେଉଁଥିରେ ୧୩ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩୮ଜଣ ଆହତ ହୋଇଥିଲେ, କେବଳ ବାଲେଶ୍ୱର ଜିଲ୍ଲାର ବାହାନଗା ରେଳ ଦୁର୍ଘଟଣାର ଦୁଃଖଦ ପରିସ୍ଥିତିକୁ ମନେ ପକାଇ ଦେଇନାହିଁ, ରେଳ ନିରାପତା ବ୍ୟବସ୍ଥାରେ ତ୍ରୁଟି, ଅପାରଗତା ପୁଣି ପଦାରେ ପକାଇ ଦେଇଛି ବୋଲି କୁହାଯାଇପାରିବ । କେବଳ ଏତିକି ନୁହେଁ, ବିଜୟନଗରମ୍ ଜିଲ୍ଲାର କଂଟକାପାଲ୍ଲିଠାରେ ଘଟିଥିବା ରେଳ ଦୁର୍ଘଟଣା ମଣିଷକୃତ ବୋଲି ଖୋଦ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି । କଂଟକାପାଲୀ ଷ୍ଟେସନରେ ବିଶାଖାପାଟନମ୍-ପଲାସା ଟ୍ରେନ ଛିଡା ହୋଇଥିବାବେଳେ ପଛପଟୁ ବିଶାଖାପାଟଣମ୍-ରାୟଗଡା ଯାତ୍ରୀ ଟ୍ରେନ ଧକ୍କା ଦେଇଥିଲା । ତହିଁରେ ଉଭୟ ଟ୍ରେନର ଦୁଇଟି ଲେଖାଏଁ ବଗି ଲାଇନଚ୍ୟୁତ ହୋଇଥିଲା । ସ୍ମରଣ କରାଯାଇପାରେ ଯେ, ଗତ ଜୁନ ମାସରେ ବାଲେଶ୍ୱର ଜିଲ୍ଲାର ବାହାନଗାଠାରେ ତିନୋଟି ଟ୍ରେନ ମଧ୍ୟରେ ଧକ୍କାର ହୃଦୟ ବିଦାରକ ଦୁର୍ଘଟଣା ପରେ ଏହା ମାତ୍ର ଚାରି ମାସ ପରେ ସମାନ ଢଙ୍ଗରେ ଦ୍ୱିତୀୟ ବଡ ଧରଣର ଦୁର୍ଘଟଣା । ଯେଉଁଠାରେ ୨୭୫ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ଶହଶହ ଯାତ୍ରୀ ଆହତ ହୋଇଥିଲେ । ଉଭୟ ଦୁର୍ଘଟଣା ମାନବକୃତ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି ବୋଲି କୁହାଯାଇପାରେ । ଚାରିମାସ ମଧ୍ୟରେ ଦୁଇଟି ରେଳ ଦୁର୍ଘଟଣା ମାନବକୃତ ବୋଲି କୁହାଯାଉଥିବାବେଳେ ସମାନ ଢଙ୍ଗରେ କିଭଳି ତାହା ବାରମ୍ବାର ଘଟୁଛି, ଏବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରିକି ବାହାନଗାରେ ଭୟାବହ ଟ୍ରେନ ଦୁର୍ଘଟଣା, ଯାହାକୁ କି ଦେଶର ସବୁଠାରୁ ଭୟାନକ, ଏପରି ଘଟଣାର ଆଉ ପୁନରାବୃତି ହେବ ନାହିଁ ବୋଲି ରେଳବାଇ କିମ୍ବା ସରକାର ଜନସାଧାରଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେବା ଭଳି କୌଣସି ଫଳପ୍ରଦ ପଦକ୍ଷେପ କିମ୍ବା ଅଭିଯାନ ଗ୍ରହଣ କରିନଥିବା କଂଟକାପାଲ୍ଲୀ ଦୁର୍ଘଟଣା ସଂକେତ ପ୍ରଦାନ କରୁଛି ବୋଲି କହିଲେ ଭୁଲ ହୋଇନପାରେ । ଏହା ସତ୍ୟ ଯେ, ଭାରତୀୟ ରେଳବାଇ ହେଉଛି ବିଶ୍ୱର ସବୁଠାରୁ ବୃହତମ ରେଲନେଟୱାର୍କ ଏବଂ ଯାତ୍ରୀ ପରିବହନ କ୍ଷେତ୍ରରେ ସର୍ବବୃହତ ମାଧ୍ୟମ ୭ହଜାର ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଦୈନିକ ଚଳାଚଳ କରୁଥିବାବେଳେ ଏଥିରେ ୨୦କୋଟିରୁ ଅଧିକ ଯାତ୍ରୀ ଯାତାୟତ କରିଥାନ୍ତି । ସେହିପରି ୬ହଜାରରୁ ଉର୍ଦ୍ଧ୍ୱ ମାଲବାହୀଟ୍ରେନ ମଧ୍ୟ ଚଳାଚଳ କରିଥାଏ । ଯେଉଁଥିରେ ଲକ୍ଷ ଲକ୍ଷ ମେଟ୍ରିକ ଟନ୍ ମାଲ ଦୈନିକ ପରିବହନ ହୋଇଥାଏ । ରେଳବାଇ ରାଜସ୍ୱ ଆୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଯାତ୍ରୀ ନିରାପତା ପ୍ରତି ବିଭାଗ ସମ୍ପୂର୍ଣ୍ଣ ଆଖିବୁଜି ଦେଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ । ଏବେ ସରକାର ଦେଶ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳକୁ ଏକ ପ୍ରମୁଖ ସଫଳତା ବୋଲି ଡିଣ୍ଡିମ ପିଟୁଥିବାବେଳେ ଯାତ୍ରୀ ଓ ମାଲପରିବହନ ନିରାପତା ପ୍ରତି ଯେତିକି ଦୃଷ୍ଟି, ଧାନ ଏବଂ ଅଗ୍ରାଧିକାର ଦେବା କଥା ତାହା ଦେଉନଥିବା ମନେହୁଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗତ ୯ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୪ରୁ ୨୦୨୩ ମଧ୍ୟରେ ଛୋଟବଡ ୧୨୧ଟି ଦୁର୍ଘଟଣା ଘଟିଥିବା ଏକ ରିପୋର୍ଟରୁ ଜଣାପଡିଛି । ରେଳ ଲାଇନଚ୍ୟୁତ ହେବା ଏକ ନିୟମିତ ଘଟଣାରେ ପରିଣତ ହୋଇଥିବାବେଳେ କେଉଁଠି ଟ୍ରେନରେ ନିଆଁ ଲାଗିଗଲାଣି ତ କେଉଁଠି ବଗି ଛାଡି ଇଂଜିନ ଚାଲିଗଲାଣି । ସେହିପରି ଟ୍ରେନ ପଥଭ୍ରଷ୍ଟ ଅର୍ଥାତ ବାଟବଣା ହୋଇ ଲକ୍ଷ୍ୟସ୍ଥଳ ପରିବର୍ତେ ଅନ୍ୟତ୍ର ଚାଲିଯାଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି । ଏଥିରୁ ରେଳ କର୍ମଚାରୀଙ୍କ ଠାରୁ ଅଫିସର କର୍ମକର୍ତା, କେତେ ତତ୍ପର ତାହା ସ୍ୱଷ୍ଟ ବୁଝାପଡେ । ଏଥିରେ ସନ୍ଦେହନାହିଁ ଯେ, ୨୦୨୩ରେ ରେଳବାଇ ଯେଉଁ ଭଳି ସଂକଟ ସମସ୍ୟାର ସମ୍ମୁଖୀନ ହୋଇଛି, ପୂର୍ବରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ପରି ମନେ ହେଉନାହିଁ । ସଂକ୍ଷେପରେ ଭାରତୀୟ ରେଳବାଇକୁ ଏବେ ଶନିଦଶା ଗ୍ରାସ କରିଛି ବୋଲି କୁହାଯାଇପାରେ । କହିବା ଅଯଥାର୍ଥ ହେବ ନାହିଁ ଯେ, ଯାତ୍ରୀ ନିରାପତା ହେଉଛି ରେଳବାଇର ପ୍ରଥମ ଏବଂ ପ୍ରଧାନ କର୍ତବ୍ୟ ମାତ୍ର ଏଥିପ୍ରତି ଆଖିବୁଜା ଦେଉଥିବା କ୍ରମାଗତ ଘଟଣାବଳି ସଂକେତ ପ୍ରଦାନ କରେ । ଯେଉଁସବୁ କ୍ରମାଗତ ସଂକଟ ଓ ସମସ୍ୟା ଦୈନନ୍ଦିନ କାର୍ଯ୍ୟରେ ଲାଗି ରହିଛି, ସେ ନେଇ ରେଳବାଇ ବିଶ୍ଲେଷଣ କରିବା ଉଚିତ । ସିଗନାଲ ସିଷ୍ଟମ ଏବଂ ଟେଲିକମ୍ୟୁନିକେସନର ଅପଗ୍ରେଡେସନ ପ୍ରତି ରେଳବାଇ ଯଥେଷ୍ଟ ଗୁରୁତ୍ୱ ଦେଉନାହିଁ, ଯାହାକି ସିଗନାଲ ତ୍ରୁଟିରୁ ଦୁର୍ଘଟଣା ମୁଖ୍ୟ କାରଣ ହୋଇଛି । ଗତ ୨୦୦୦ ମସିହାରୁ ସମସ୍ତ ଟ୍ରେନରେ ଆଂଟି କୋଲିସନ ସିଷ୍ଟମ ଲାଗୁପାଇଁ ନିଷ୍ପତି ହୋଇଥିଲେ ମଧ୍ୟ ଯେତିକି ଟ୍ରେନରେ ଲାଗିଛି, ତାହା ସମୁଦ୍ରକୁ ଶଙ୍ଖେ । ସେହିପରି ରେଳ ନିରାପତାରେ ସମ୍ପୃକ୍ତ ୫୩ହଜାରରୁ ଅଧିକ ପଦବୀ ଖାଲି ପଡିଛି । ୧୧ ହଜାରରୁ ଉର୍ଦ୍ଧ୍ୱ ଲେବଲ କ୍ରସିଂ ଫାଟକ ଇଂଟରଲକିଂ ହୋଇପାରିନଥିବାବେଳେ ମାନବକୃତ ଦୁର୍ଘଟଣା ଏଡାଇବା ପାଇଁ ୬୪୨୭ ଷ୍ଟେସନରେ ଇଲେକ୍ଟ୍ରୋନିକ୍ ଇଂଟରଲକିଂ ସିଷ୍ଟମ ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିବାରେ ବିଭାଗ ବିଫଳ ହୋଇଛି । ରେଳବାଇର ଗୁରୁତ୍ୱପୂର୍ଣ୍ଣ ନିରାପତା ବ୍ୟବସ୍ଥାର ଅପଗ୍ରେଡେସନ୍ ପାଇଁ ରାଷ୍ଟ୍ରୀୟ ରେଳ ସର୍ୱକ୍ଷ କୋଷ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି । ଏହା ବ୍ୟତୀତ ରେଳ ଦୁର୍ଘଟଣାର ତଦନ୍ତ ହେଉଛି, କାରଣ ଖୋଜାଯାଉଛି । କେବଳ ତଳିଆ କର୍ମଚାରୀ ଦଣ୍ଡିତ ହେଉଥିବାବେଳେ ବଡବଡିଆ ଖସି ଯାଉଛନ୍ତି । ବରିଷ୍ଠ ରେଳବାଇ ମ୍ୟାନେଜମେଂଟକୁ ଉତରଦାୟୀ କରିବା ପାଇଁ ପଦକ୍ଷେପ ନେବା ଜରୁରୀ । ଅନ୍ୟଥା ରେଳବାଇକୁ ଦୁର୍ଦ୍ଦଶା ଛାଡିବ ନାହିଁ । ନିୟମିତ କିଛି ନା କିଛି ଅଘଟଣ ସତ୍ତ୍ୱେ ରେଳବାଇ ଚେତିବ କେବେ? ଏହା ହିଁ ଏବେ ମୁଖ୍ୟ ପ୍ରଶ୍ନ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୪୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ ନଂ-୯୪୩୭୯୯୪୩୭୯

# ବଦଳିବ ବାହନର ବ୍ୟବହାର

ଡ. ପୀୟୂଷ ରଞ୍ଜନ ରାଉତ

ଭବିଷ୍ୟତ ଭୁବନେଶ୍ୱର ଏମିତି ହୋଇଥିବ ଯେଉଁଠାରେ ଲୋକେ ଖୁସିରେ ଥିବେ, କୋଉ ମା ବ୍ୟସ୍ତ ନଥିବେ ପିଲାଟି ସ୍କୁଲରୁ ସୁରକ୍ଷିତ ଭାବେ ଫେରିବା ନେଇ ଏବଂ ଏହା ଏକ ସହର ହୋଇଥିବ ଯେଉଁଠାରେ ଲୋକମାନେ ବସ ବାସ କରୁଥିବେ, ଲୋକଙ୍କ ବିଷୟରେ ଲୋକେ କଥା ହେଉଥିବେ, ଆଉ କାର ଗୋଟେ ପ୍ରଗତିର ମାନଦଣ୍ଡ ନଥିବ । ହଁ ଭବିଷ୍ୟତର ଭୁବନେଶ୍ୱର ସହରର ମୂଳଦୁଆ ବର୍ତମାନ ନିର୍ଭରଶୀଳ ଆମ ଯୋଜନା ଉପରେ ।

ଭୁବନେଶ୍ୱର ସାଇକଲ ଚାଳନାର ସ୍ୱର୍ଗ ହୋଇନପାରେ, କିନ୍ତୁ ଏହାକୁ ବିଶ୍ୱର ଅନ୍ୟ ସାଇକଲର ସହର ଭଳି ଠିଆକରିବା ପାଇଁ ଚେଷ୍ଟା ବହୁ ଆଗରୁ ଆରମ୍ଭ ହୋଇସାରିଛି । ଭୁବନେଶ୍ୱର ସାଇକଲ ଚାଳନାରେ ଇୟୁରୋପିଅନ ସହର ଭଳି ହୋଇନଥାଇପାରେ, କିନ୍ତୁ ସାଇକେଲ ଚାଳନାକୁ ସର୍ବସାଧାରଣଙ୍କ ପାଇଁ କିଭଳି ସହଜ ଏବଂ ସୁରକ୍ଷିତ କରାଯାଇପାରିବ, ସେଥିପ୍ରତି ସଦାସର୍ବଦା ଚେଷ୍ଟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରକୁ ଆକଳନ କରାଯାଇପାରେ ଯେ ଏଠାରେ ପରିବହନ କହିଲେ କେବଳ କାର ନୁହେଁ ବରଂ ସାଇକଲର ସ୍ଥାନ ମଧ୍ୟ ଅଛି ।

ଯଥା ବିଶ୍ୱର ବହୁ ସହର ବର୍ତମାନ ସାଇକଲକୁ ଆଧାର କରି ଭବିଷ୍ୟତର ସହର ଯୋଜନା କରୁଛନ୍ତି । ଯାହାଫଳରେ ସହର ମଧ୍ୟରେ ସାଇକେଲ ଚଳେଇବା କାର୍ଯ୍ୟ ପାଇଁ ହଉ ଅବା ଆମୋଦ ପ୍ରମୋଦ ପାଇଁ ଅବା ଗୋଟେ ସ୍ଥାନରୁ ଅନ୍ୟ ଏକ ସ୍ଥାନ ଗମନାଗମନ ପାଇଁ ହେଉ, ନିର୍ଭର କରୁଛି ଏହା କେତେ ସହଜ, ସୁନ୍ଦର, ସୁରକ୍ଷିତ । ସାଇକଲ ଚାଳନା ପାଇଁ ସ୍ୱତନ୍ତ୍ର ସୁରକ୍ଷିତ ମାର୍ଗର ଆବଶ୍ୟକତା ରହିଛି, ଯାହା ମାଧ୍ୟମରେ ଭବିଷ୍ୟତରେ ଯାନ୍ତ୍ରିକ ବାହନ ସମସ୍ୟାରୁ ସହରକୁ ମୁକୁଳେଇବାର ଏକ ସମ୍ଭାବନା ସୃଷ୍ଟି ହେବାର ମଧ୍ୟ ସହରାଞ୍ଚଳ ଯୋଜନା ବିଶେଷଜ୍ଞ ଆଶା ରଖିଛନ୍ତି ।

ଯଦିଓ ବହୁ ଜନସାଧାରଣ ବିନା ଯାନ୍ତ୍ରିକ ସାଇକଲକୁ ବେଶି ଦୂରତ୍ୱ ଗମନାଗମନ ପାଇଁ ବ୍ୟବହାର କରିନପାରନ୍ତି ଅବା ବଡ଼ ବଡ଼ ମଲକୁ, ହୋଟେଲକୁ, ସାମାଜିକ ଉତ୍ସବକୁ ଇତ୍ୟାଦି ଇତ୍ୟାଦିକୁ ନେଇ ନପାରନ୍ତି । ସେହିଭଳି କିଛି ନିଜର ମତ ମଧ୍ୟ ଦିଅନ୍ତି ଆମ ଭୌଗୋଳିକ ଓ ଜଳବାୟୁ ସ୍ଥିତିକୁ ନେଇ ଏବଂ କେହି କେହି ନିଜର ମତ ମଧ୍ୟ ରଖନ୍ତି ଆମେ ସାଇକଲ ବ୍ୟବହାର ଅତ୍ୟଧିକ କଲେ, ହୁଏତ ସମାଜରେ ନିଜର ସାମାଜିକ ଭାରସାମ୍ୟ ହରାଇବୁ । ଯାହାଫଳରେ ସାଇକଲ ସ୍ୱାସ୍ଥ୍ୟ, ପରିବେଶ, ଅର୍ଥନୈତିକ ଦୃଷ୍ଟିକୋଣରୁ ଭଲ ହେଲେ ମଧ୍ୟ, ପିଲାଦିନେ ଆପଣାର ହୋଇ ପାରିଥିଲା ତାହା ବୟସ ବଢ଼ିବା ସହିତ ଦୂରେଇ ଦୂରେଇ ଯାଉଛି । ସାଇକଲ ମାର୍ଗ ସହର ମଧ୍ୟରେ ଅଯଥା ଭିଡ଼ କରୁଥିବା କାର ପରିବହନରୁ ମୁକୁଳିବାର ଏକ ସମ୍ଭାବନା ନିଶ୍ଚିତ ସୃଷ୍ଟି କରିପାରେ, ହେଲେ ଆମର ସାମାଜିକ ଚଳଣି ଏବଂ ଜୀବନ ଯାପନକୁ ଦେଖିଲେ ସାଇକେଲ ଆମ ସମସ୍ତଙ୍କ ପାଇଁ ପରିବହନର ମାଧ୍ୟମ ହୋଇପାରିବ ବୋଲି କହିବା ମଧ୍ୟ ଠିକ ହେବନି । କାରଣ ଅଧିକ ଦୂରତ୍ୱ ପାଇଁ ଲୋକେ ସାଇକଲ ଚଲେଇ ଯିବା ପାଇଁ ପସନ୍ଦ କରିନପାରନ୍ତି, ସେମିତି ବଡ଼ ବଡ଼ ମଲକୁ କିଣା କିଣି କରିବା ପାଇଁ ସାଇକଲ ନେଇ ନପାରନ୍ତି, ଏବଂ ଆମର ପାଣିପାଗ ଓ ଭୌଗୋଳିକ ସ୍ଥିତି ସଦା ସର୍ବଦା ସାଇକଲ ବ୍ୟବହାରକୁ ଉତ୍ସାହିତ କରିନପାରେ ।

ଆମ ସହରମାନଙ୍କରେ ସାଇକଲ ଚାଳନା ପାଇଁ ବହୁତ କିଛି କରାଯାଇପାରିବ । ଯେପରି କିଛି ବର୍ଷ ପୂର୍ବେ ଭୁବନେଶ୍ୱର ମହାନଗର ନିଗମ ଏକ ପ୍ରଶାସନିକ ନିଷ୍ପତି ନେଇଥିଲେ ପ୍ରତ୍ୟେକ ଶୁକ୍ରବାର ନିଗମର ସମସ୍ତ କର୍ମଚାରୀ ସାଇକଲ ମାଧ୍ୟମରେ ଗମନାଗମନ କରିବେ, କିନ୍ତୁ ଏହା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ଦିଗହରା ହୋଇଯାଇଥିଲା । ସେହିଭଳି ୨୦୧୮ ମସିହାରେ ସର୍ବସାଧାରଣଙ୍କ ପାଇଁ ଭଡ଼ା ଭାବରେ ସାଇକଲ ଯୋଗାଇ ଦିଆଯିବା ସହିତ , ଭୁବନେଶ୍ୱରର କିଛି ମାର୍ଗକୁ ଡଚ ସହର ଭଳି ନାଲି ରଙ୍ଗ ବୋଲି ରଙ୍ଗିନ କରାଗଲା ସାଇକଲ ଚଳେଇବା ପାଇଁ । ହେଲେ ଏହା ମଧ୍ୟ ପରିଚାଳନା ଅଭାବରୁ ଦିଗହରା ହୋଇଗଲା । ଅନ୍ୟ ଏକ ଉଦ୍ୟମ ଭୁବନେଶ୍ୱରରେ ହେଉଛି ଦୁଇ ଦଶନ୍ଧି ପୂର୍ବେ ଭାରତର ପ୍ରଥମ ଦୀର୍ଘ ୪୧ କିଲୋମିଟର ସ୍ୱତନ୍ତ୍ର ସାଇକଲ ମାର୍ଗ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହୋଇଥିଲା । ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଏହା ମଧ୍ୟ ସାଇକଲ ଅପେକ୍ଷା ଗାଡ଼ି ରଖିବା ସ୍ଥାନ ଅବା ପଥ ଦୋକାନୀମାନଙ୍କ କାର୍ଯ୍ୟରେ ଆସିଲା ।

ଏହା ମଧ୍ୟ ଗବେଷଣାରୁ ସମ୍ଭାବନା ଜାଗ୍ରତ ହୋଇଅଛି, ଯଦି ଉଚିତ ମାର୍ଗ, ସୁରକ୍ଷିତ, ସାମାଜିକ ଏବଂ ଅର୍ଥନୈତିକ ସୁବିଧା ସୁଯୋଗ ସହିତ ଆପଣେଇବାର ପରିବେଶ ସୃଷ୍ଟି କରାଯାଇପାରେ ତେବେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ, ବରଂ ଅଧିକ ଜନସାଧାରଣ ସାଇକଲକୁ ଭବିଷ୍ୟତର ଗମନାଗମନର ମାଧ୍ୟମ ଭାବେ ଗ୍ରହଣ କରିପାରିବେ । ଅନ୍ୟ ବିଷୟ ହେଉଛି ରାଜନୈତିକ ଇଚ୍ଛାଶକ୍ତି, କାରଣ କାର ପାଇଁ ରାଜମାର୍ଗ ଚଉଡା ହେଲା କେହି ବିରୋଧ କରିବେନି, କିନ୍ତୁ ସାଇକଲ ପାଇଁ ସ୍ୱତନ୍ତ୍ର ରାସ୍ତା ହେଲେ ବହୁ କାର ଚାଳକ ଏବଂ ଏହାର ମାଲିକମାନେ ବିରୋଧ କରନ୍ତି । ନିକଟରେ ସମ୍ପୂର୍ଣ୍ଣ ହୋଇଥିବା ସାଧାରଣ ନିର୍ବାଚନରେ ସୁରକ୍ଷିତ ସାଇକଲ ଚାଳନା କୌଣସି ରାଜନୈତିକ ଦଳର ଇସ୍ତାହାରରେ ସ୍ଥାନ ପାଇନଥିଲା, ଏହା ସୂଚାଉଛି ଆମ ନେତାମାନଙ୍କ ପ୍ରାଧାନ୍ୟ କଣ ।

ସାଇକଲ ପାଇଁ ଉଦ୍ଦିଷ୍ଟ ମାର୍ଗ, ସହରର ସମସ୍ତ ରାସ୍ତାରେ ଆବଶ୍ୟକତା ଅଛି । କାରଣ ଅଧା ଖଣ୍ଡିଆ ସାଇକଲ ପାଇଁ ଉଦ୍ଦିଷ୍ଟ ମାର୍ଗ ନଥିବା ସହିତ ସମାନ, ଯାହା ପ୍ରାୟ ବହୁ ସହରରେ ଦେଖିବାକୁ ମିଳେ । ତେଣୁ ବିଶ୍ୱର ସମସ୍ତ ସାଇକଲ ସହର ଏବଂ ଭୁବନେଶ୍ୱର ମଧ୍ୟରେ ଫରକ ଏତିକି ସେମାନଙ୍କ ପାଖରେ ପୂରା ସହର ମଧ୍ୟରେ ଯେକୌଣସି ସ୍ଥାନକୁ ଯିବାପାଇଁ ସ୍ୱତନ୍ତ୍ର ସୁରକ୍ଷିତ ସାଇକଲ ମାର୍ଗର ବ୍ୟବସ୍ଥା ହୋଇଅଛି, ଯାହା ଆମସହରରେ ଦେଖିବାକୁ ମିଳେନି ।

ବହୁତ ଜରୁରୀ ବିଷୟ ହେଉଛି ଭୁବନେଶ୍ୱର ଭଳି ସହର ମଧ୍ୟରେ ଥିବା ସମସ୍ତ ରାସ୍ତାରେ ସାଇକଲ ଚଳେଇବା ପାଇଁ ସୁରକ୍ଷିତ ସ୍ଥାନ ଉପଲବ୍ଧ କରିବା ନିହାତି ଆବଶ୍ୟକ । ଯାହା ସମ୍ଭବ ହୋଇପାରିବ ଯେତେବେଳେ ଆମ ନଗର ଯୋଜନା ପ୍ରସ୍ତୁତ କରାଯିବ ଭୁବନେଶ୍ୱରକୁ ଏକ ସାଇକଲ ଚାଳନାର ସହର କରାଯାଇପାରିବ । ଏହାର ଅର୍ଥ ଏଠିକାର ଅଧିବାସୀ ନିଜର ଆବଶ୍ୟକତା ଯଥା ଖାଦ୍ୟ ସାମଗ୍ରୀ, ରେସନ, ଔଷଧ ଓ ଚିକିତ୍ସାଳୟ, ହାଟ ବଜାର, ଶିକ୍ଷା ବ୍ୟବସ୍ଥା ଇତ୍ୟାଦି ଇତ୍ୟାଦି ଯାହା ସବୁ ସାଇକଲରେ ଯାତାୟାତ କରି ପାଇପାରିବେ ।

କଟକଣା ସତ୍ତ୍ୱେ ଆମେ ବାହାରକୁ ଯାଉଥିଲୁ ଦୌଡ଼ିବା ପାଇଁ, ସାଇକଲ ଚଲେଇବା ପାଇଁ, କୁକୁର ବୁଲେଇବା ପାଇଁ, ନୀଳ ଆକାଶ ଦେଖିବା ପାଇଁ, ସବୁଜ ବଳୟର ଅନୁଭୂତି ପାଇଁ, କିନ୍ତୁ ଏଥିପାଇଁ ବହୁ ଦୂର ଯିବାକୁ ପଡୁନଥିଲା ବରଂ ମହାମାରୀ ସମୟରେ ଆମେ ଆମ ନିଜ ଅଂଚଳରେ ଏହାକୁ ପାଇଥିଲୁ ଯାହା ବର୍ଷ ବର୍ଷ ଧରି ଆମ ପାଖରେ ଥାଇ ମଧ୍ୟ ନଥିଲା ପରି ଲାଗୁଥିଲା । ଏହା ସହିତ ଆମେ ମଧ୍ୟ ଦେଖିଲୁ ସହର ମଧ୍ୟରେ ଦଶନ୍ଧି ଦଶନ୍ଧି ଧରି ଥିବା ଶୂନ୍ୟତା ଭରା ପଥଚାରୀ ରାସ୍ତା କିପରି ଆମର ଆମୋଦ ପ୍ରମୋଦ ସ୍ଥାନ ପାଲଟି ଯାଇଥିଲା । ହେଲେ ଯେତେବେଳେ କାର ଅବା ମୋଟର ଚାଳିତ ବାହନ ବ୍ୟବହାର କରୁଥିଲେ, ସେତେବେଳେ ଏହି ଚଲାପଥ, ସାଇକଲ ଚାଳକଙ୍କ ପାଇଁ ଉଦ୍ଦିଷ୍ଟ ମାର୍ଗ ଇତ୍ୟାଦି ଆମକୁ ଦିଶୁନଥିଲା, କାରଣ କେତେବେଳେ ଏହା ଉପରେ ଗାଡ଼ି ଚାଲୁଥିଲା ତ କେତେବେଳେ ଗାଡ଼ି ରହୁଥିଲା । ସମ୍ଭବତଃ ପ୍ରଥମ ଥର ପାଇଁ ଆମେ ଭାବିଲେ ପଥ ଏବଂ ସାଇକଲ ଚାଳକଙ୍କ ଉପରେ ଘଟିଥିବା ଅନ୍ୟାୟ ଏବଂ କ'ଣ ପାଇଁ ଆଜିର ଯୁଗରେ ଚାଲିବା ଏବଂ ସାଇକଲ ଚଳେଇବା ଅସୁରକ୍ଷିତ ।

ହେଲେ ଆଜିକୁ ୭୫ ବର୍ଷ ତଳେ ଭୁବନେଶ୍ୱର ମଧ୍ୟ ସାଇକେଲ ଏବଂ ପଥ ଚାଳକଙ୍କ ପାଇଁ ଯୋଜନା ହୋଇଥିଲା, କିନ୍ତୁ ଏବେ ଆମେ ଦେଖୁଚେ ସାଇକଲ ଠାରୁ ଅଧିକା କାର ଥିଲା ଭଳିଆ । ଏହା କୌଣସି ରାଜନୈତିକ ଦଳର ନିର୍ବାଚନ ଘୋଷଣା ପତ୍ରରେ ନଥିଲା, କିନ୍ତୁ ଭୁବନେଶ୍ୱର ମଧ୍ୟରେ ଥିବା ଅଂଚଳ ଏବଂ ଓଡ଼ିଶାର ୭୫ ସହର ଯେଉଁଠାରେ ଜନସଂଖ୍ୟା ଆପାତତଃ ୨୦୦୦୦ ବିଶିଷ୍ଟ, ସେଠାରେ ଉଟ୍ରେକ୍ ସହର ଗଢି ତୋଳିବାର ଆବଶ୍ୟକତା ଅଛି । ଏବଂ ଉଟ୍ରେକଟ ସହରର ଆଉ ଏକ ଉଦାହରଣ ହେଉଛି, ଏହି ସହର ମଧ୍ୟଭାଗରେ ଥିବା ଟ୍ରେନ ଷ୍ଟେସନ ପାଖରେ ତିଆରି କରିପାରିଛି ବିଶ୍ୱର ସବୁଠାରୁ ବଡ଼ ସାଇକଲ ରଖିବା ସ୍ଥାନ । ଅଶ୍ୟ ଉଟ୍ରେକ୍, କୋପେନହାଗେନ ବିଗତ ଦଶନ୍ଧି ଧରି ନିଜ ସହରକୁ ପ୍ରସ୍ତୁତ କରୁଛନ୍ତି କିଭଳି କାର ଏବଂ ଅଙ୍ଗାରକାମ୍ଳ ବିଶିଷ୍ଟ ପରିବହନ ଉପରେ ନିର୍ଭରଶୀଳ ନହୋଇ, ନିଜର ଜନସାଧାରଣଙ୍କୁ ଏକ ସୁନ୍ଦର ସ୍ୱଚ୍ଛ ପରିବେଶରେ ବସବାସ କରିବାର ସୁଯୋଗ ସୃଷ୍ଟି କରୁଛନ୍ତି । ସମ୍ଭବତଃ ଭୁବନେଶ୍ୱର ବିଶ୍ୱର ଭଲ ସହର ଦୌଡ଼ରେ ନୂଆ ହୋଇପାରେ କିନ୍ତୁ ବହୁ ଜଲଦି ଏହି ଦୌଡ଼ର ଉଦାହରଣ ସୃଷ୍ଟି କରିବାର କ୍ଷମତା ରଖିଛି ।

# ମା' ଓ ଶିଶୁ ବିକାଶ: ଆହ୍ୱାନ ଓ ସମାଧାନ

ସଞ୍ଜୟ କୁମାର ପଣ୍ଡା

ଶିଶୁର ସ୍ୱାସ୍ଥ୍ୟ ଓ ବିକାଶ ଉପରେ ମା'ର ଗର୍ଭାବସ୍ଥାରେ ରକ୍ତହୀନତା ଓ ଆନୁଷଙ୍ଗିକ ଅଭାବର କୁପ୍ରଭାବ ସାରା ଜୀବନ ପାଇଁ ରହେ ଏବଂ ମାନବ ସମ୍ପଦ ବିକାଶ ଲକ୍ଷ୍ୟକୁ ପ୍ରତିହତ କରିଦିଏ । ଶିଶୁ ଓ ମା'ର ପୋଷଣ, ସ୍ୱାସ୍ଥ୍ୟ ଓ ବିକାଶର ଗୁରୁତ୍ୱ ବିଷୟରେ ସମସ୍ତେ ଚିନ୍ତିତ । ଏଥିପାଇଁ ଯୋଜନା ପ୍ରଣୟନ, ଅର୍ଥ ବରାଦ କରାଯାଇଥିଲେ ମଧ୍ୟ ଆଶାନୁରୂପ ଫଳ ମିଳୁନାହିଁ । ତେଣୁ ଏହାର କାରଣ ଖୋଜି ସମାଧାନ କରିବା ଅତ୍ୟନ୍ତ ପ୍ରୟୋଜନ । ଅନେକ କ୍ଷେତ୍ରରେ ନବନିର୍ବାଚିତ ସରକାରମାନେ କେବଳ ନିଜଦଳର ପ୍ରଚାର ପ୍ରସାର ପାଇଁ ନୂଆ ଯୋଜନା କରିବା ଉଦ୍ଦେଶ୍ୟରେ ଉଲଚାଲିଥିବା ପୁରୁଣା ଯୋଜନାକୁ ଅଣଦେଖା କରନ୍ତି । ଏହା ଫଳରେ ନା ତ ନୂଆ ଯୋଜନାର ଫଳ ମିଳେ, ବରଂ ପୁରୁଣା ଯୋଜନାର ସୁଦୂର ପ୍ରସାରୀ ସୁଫଳ ହାତଛଡ଼ା ହୋଇଯାଏ । ଆମ ଗଣତନ୍ତ୍ରରେ ଏହିପରି ଅପରିପକ୍ୱ ରାଜନୈତିକ ଓ ପ୍ରଶାସନିକ ସିଦ୍ଧାନ୍ତର ଏକାଧିକ ଦୃଷ୍ଟାନ୍ତ ରହିଛି । ଏଥିପାଇଁ ନୂଆ ଯୋଜନା ପ୍ରଣୟନ କରିବା ପରିବର୍ତେ, ଚାଲିଥିବା ଯୋଜନାଗୁଡ଼ିକୁ ସଜାଇ ସେଥିରେ ଥିବା ଖାଲିସ୍ଥାନ ପୂରଣ କରିବା ଶ୍ରେୟସ୍କର ।

ଏହା ସର୍ବଜନବିଦିତ ଯେ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ମାନବ ସମ୍ପଦ ବିକାଶର ମୂଳଦୁଆ । ଆମ ଦେଶରେ ୧୯୭୫ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ କୋମଳମତି ଶିଶୁଙ୍କର ସର୍ବାଙ୍ଗୀନ ବିକାଶ ପାଇଁ 'ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା' ବା (ଆଇସିଡିଏସ) ପ୍ରଣୟନ କରାଯାଇଥିଲା । ଗର୍ଭବତୀ, ପ୍ରସୂତି ଓ ଛଅ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ସହାୟକ ପୋଷଣ, ଟିକାକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଅନୁସାରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା, ସ୍ୱାସ୍ଥ୍ୟ ଓ ପୋଷଣ ବିଷୟରେ ଶିକ୍ଷା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଯୋଗାଇ ଦେବା ଆଦି ଏହି ଛଅଟି ସେବା ଏହି ଯୋଜନାର ଲକ୍ଷ୍ୟ । ଏହି ସେବାଗୁଡ଼ିକ ପ୍ରତ୍ୟେକ ଜନବସତିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଏ । ଏହି ଯୋଜନାରେ ଆବଶ୍ୟକ ଆନୁଷଙ୍ଗିକ ଖର୍ଚ୍ଚ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରନ୍ତି ।

ବିଗତ ପଚାଶ ବର୍ଷରେ ଏହି ଯୋଜନାର ଅନେକ ପରିବର୍ତନ ହୋଇଛି । ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ସେବାଗୁଡ଼ିକୁ ଶିଶୁମାନଙ୍କର ମୌଳିକ ଅଧିକାର ବୋଲି ରାୟ ଦେଇ ତଦନୁଯାୟୀ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଗୋଟିଏ ଗ୍ରାମରେ ଗୋଟିଏ ମାତ୍ର ପିଲା ଥିଲେ ମଧ୍ୟ ତା' ପାଇଁ ଯୋଜନାର ସୁଫଳ ଯେପରି ଉପଲବ୍ଧ ହୋଇପାରିବ ସେଥିଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି । ଏହାସତ୍ତ୍ୱେ ଦେଶର ଦୁର୍ଗମ ଅଞ୍ଚଳରେ ଏହା ଆଶାନୁରୂପ ଫଳବତୀ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଯେ, ଦୁର୍ଗମ ଅଂଚଳ ଓ ଗ୍ରାମମାନଙ୍କରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବରାଦ ଅର୍ଥ ତୁଳନାରେ ପ୍ରକୃତ ଖର୍ଚ୍ଚ ଅଧିକ ହେଉଥିବାରୁ ନିର୍ମାଣ କାମ ନିମ୍ନସ୍ତରର ହୁଏ ଏବଂ ତାହା ନିର୍ମାଣର ଅଳ୍ପ କିଛିଦିନ ମଧ୍ୟରେ ବ୍ୟବହାର ଅନୁପଯୁକ୍ତ ହୋଇଯାଏ । ରାସ୍ତା ଘାଟର ସୀମିତତା ଯୋଗୁଁ ତଦାରଖ ଠିକ୍ ଭାବେ ହୋଇ ପାରେ ନାହିଁ । ତେଣୁ କାଗଜପତ୍ର ଓ ଫଟୋ ତୁଳନାରେ ସେହିସବୁ ଅଞ୍ଚଳର ବାସ୍ତବତା ମଧ୍ୟରେ ବହୁତ ଫରକ ରହିଯାଏ । ଅଙ୍ଗନବାଡ଼ିକେନ୍ଦ୍ରରେ ପ୍ରତ୍ୟେକ ଶିଶୁ ଓ ମା'ମାନଙ୍କୁ ପ୍ରତିଦିନ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ଆର୍ଥିକ ଅନୁଦାନ ଦିଆଯାଏ । ଏହି ଟଙ୍କାରେ ସାଧାରଣତଃ ଚାଉଳ ଓ ମୁଗଡାଲିରୁ ଖେଚିଡ଼ି ରନ୍ଧା ହୋଇ ଦିଆଯାଇଥାଏ । କିଛିସ୍ଥାନରେ ଛତୁଆ, ଭାତ ଓ ଅଣ୍ଡା ତରକାରି ଆଦି ଦେବାର ଦୃଷ୍ଟାନ୍ତ ରହିଛି । ପ୍ରତିଦିନ ଆହାର ପ୍ରସ୍ତୁତ କରି ବିତରଣ କରିବା ପରି ଜଞ୍ଜାଳମୟ କାମରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ବ୍ୟସ୍ତ ରହିବା ଫଳରେ ଯୋଜନାର ଅନ୍ୟ ପାଂଚଟି ସେବା ବାଧାପ୍ରାପ୍ତ ହୁଏ । ଏହିସବୁ କାରଣରୁ ଆମ ରାଜ୍ୟର ପାର୍ବତ୍ୟ ଓ ଗ୍ରାମାଞ୍ଚଳରେ ଶିଶୁ ଓ ମା' ମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଚିନ୍ତାଜନକ । ବୟସ ଅନୁପାତରେ ଶିଶୁର ଉଚ୍ଚତା ଓ ଓଜନ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ କେରଳ, ତାମିଲନାଡୁ, ପଶ୍ଚିମ ବଙ୍ଗ ଓ ତ୍ରିପୁରାଠାରୁ ତଳେ ।

ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶର ମୌଳିକ ଦାୟିତ୍ୱ ମା' ର । କିନ୍ତୁ ମା'ପାଖରେ ପିଲାର ସ୍ୱାସ୍ଥ୍ୟ ବିଷୟରେ ବୈଷୟିକ ଜ୍ଞାନ ଓ ସାଧନର ଅଭାବ ହେତୁ ଏଭଳି ସ୍ଥିତି ଉପୁଜିଛି । ପରିବର୍ତିତ ପରିସ୍ଥିତିରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ମା'ମାନଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇବା । ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶ ପାଇଁ ଗର୍ଭଧାରଣ ପୂର୍ବରୁ ମା'ର ପୋଷଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁଷମ ଖାଦ୍ୟ ଓ ଔଷଧ (ରକ୍ତହୀନତା ଦୂରୀକରଣ ପାଇଁ ଆଇରନ ବଟିକା ପରି), ଡାକ୍ତରଖାନାରେ ପ୍ରସବ ଓ ନବଜାତ ଶିଶୁର ଟିକାକରଣ, ମାତୃ ସ୍ତନ୍ୟପାନ, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ ଆଦିର ବ୍ୟବସ୍ଥା ଶିଶୁକୁ ଛ' ବର୍ଷ ବୟସ ହେବା ପର୍ଯ୍ୟନ୍ତ ମା' ପାଖରେ ପହଂଚାଇବାକୁ ହେବ । ଏଥିପାଇଁ ଗୁଣ ମାନ ସହ ସାଧନ ଯୋଗାଇବା ଓ ତାହା ନିଶ୍ଚିତ କରାଇବା ହିଁ ସରକାରଙ୍କ ପାଇଁ ମୁଖ୍ୟ ଆହ୍ୱାନ ।

ଓଡ଼ିଶାରେ ଚାଲିଥିବା ଯୋଜନା ଏବଂ ଆର୍ଥିକ ସମ୍ପଦକୁ ଲକ୍ଷ୍ୟ ରଖି ନିମ୍ନଲିଖିତ ତିନିଗୋଟି ବିଷୟରେ ଧ୍ୟାନ ଦେଇ ବ୍ୟବସ୍ଥା କରିବା ଆବଶ୍ୟକ । ପ୍ରଥମତଃ, ଓଡ଼ିଶାରେ ଥିବା ପ୍ରତ୍ୟେକ ୭୪, ୧୫୭ଟି ଅଙ୍ଗନବାଡ଼ିକେନ୍ଦ୍ରର ଅବସ୍ଥା ଓ ବାକିଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଶୌଚାଳୟ ନିର୍ମାଣ ଆଦି ସମ୍ପୂର୍ଣ୍ଣ କରିବା ପାଇଁ ଏକ ତାଲିକା ତିଆରି କରିବା ଆବଶ୍ୟକ । ପ୍ରତି ବ୍ଲକରେ ଏହି ସମସ୍ତ କାମ, ଆଗାମୀ ଛ' ମାସ ମଧ୍ୟରେ ସାରିବାର ଦାୟିତ୍ୱ ରାଜ୍ୟରେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ଉଦ୍ୟୋଗ ମଧ୍ୟରେ ବାଂଟିଦେବା ଉଚିତ । ଯୋଜନାରେ ମିଳୁଥିବା ଅର୍ଥ ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଓ ଜିଲ୍ଲା ଖଣିଜ ପାଣ୍ଠିର ଉପଯୋଗରେ ଏହି କାମ କରାଯାଇପାରିବ ।

ଦ୍ୱିତୀୟତଃ, ଶିଶୁ ଓ ମା' ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ପ୍ରଚଳିତ ବ୍ୟବସ୍ଥାର ମୌଳିକ ପରିବର୍ତନ କରିବାକୁ ହେବ । ବିଦ୍ୟାଳୟ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ବିତରଣ ଆଧାରରେ ପ୍ରତ୍ୟେକ ବ୍ଲକସ୍ତରରେ ସାମୂହିକ ଭାବେ ଖାଦ୍ୟ ପ୍ରସ୍ତୁତି କରି ସକାଳ ଦଶଟା ମଧ୍ୟରେ ଗାଡ଼ିରେ ପ୍ରତ୍ୟେକ କେନ୍ଦ୍ରରେ ପହଂଚାଇବାକୁ ହେବ । ଏହା ପ୍ରାସଙ୍ଗିକ ଯେ, ସହର ଉନ୍ନୟନ ବିଭାଗ ତରଫରୁ ୨୦୧୫ ମସିହା ଏପ୍ରିଲ ପହିଲା ଠାରୁ ଆରମ୍ଭ ହୋଇଥିବା 'ଆହାର' ଯୋଜନାରେ ୩୦ ଟି ଜିଲ୍ଲାରେ ଥିବା ୧୧୦ ଆହାର କେନ୍ଦ୍ରରେ ସହର ଅଞ୍ଚଳର ୬୭, ୦୦୦ ଲୋକଙ୍କୁ ରବିବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ଖାଦ୍ୟ ମାତ୍ର ୫ ଟଙ୍କାରେ ଯୋଗାଇ ଦିଆଯାଉଅଛି । ପ୍ରତି ଥାଳି ଖାଦ୍ୟ ପ୍ରସ୍ତୁତିରେ ପ୍ରାୟ କୋଡ଼ିଏ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବାକି ପନ୍ଦର ଟଙ୍କା ଓ ପରିଚାଳନା ଖର୍ଚ୍ଚ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଓ ଜିଲ୍ଲା ଖଣିଜ ପାଣ୍ଠିରୁ ଦିଆଯାଉଛି । ସେହି ଆଧାରରେ ସାମୂହିକ ଭାବରେ ଖାଦ୍ୟ ପ୍ରସ୍ତୁତି କଲେ ପିଲା ଓ ମା'ମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳିବ । ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତ କର୍ମୀ ଓ ସହାୟିକାମାନଙ୍କୁ ରାନ୍ଧଣା କାମରୁ ମୁକ୍ତ କଲେ ସେମାନେ ପିଲାଙ୍କ ସ୍ୱାସ୍ଥ୍ୟ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଆଦି ବିଷୟରେ ଅଧିକ ଧ୍ୟାନ ଦେଇପାରିବେ । ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କର ମାସିକ ଭତା କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହନ କରନ୍ତି । ଏହି ଭତାର ପରିମାଣ ବଢ଼ାଇବା ପାଇଁ କର୍ମୀ ଓ ସହାୟିକାମାନେ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ରାଜ୍ୟର ମାନବ ସମ୍ପଦ ବିକାଶରେ ଶିଶୁ ଓ ମା'ର ସୁସ୍ୱାସ୍ଥ୍ୟର ଗୁରୁତ୍ୱ ଦୃଷ୍ଟିରୁ ବିଚାର କରି ରାଜ୍ୟ ସରକାର ସେମାନଙ୍କ ମାସିକ ଭତାର ପରିମାଣ ବଢ଼ାଇଲେ ସେମାନେ ଅଧିକ ଆଗ୍ରହର ସହ କାମ କରିବେ ।

ତୃତୀୟରେ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମୀ ଓ ସହାୟିକାମାନଙ୍କ କାର୍ଯ୍ୟ ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର କରି ପ୍ରତ୍ୟକ୍ଷ ସମୟ (ରିଅଲ ଟାଇମ) ଅନୁସାରେ ତଦାରଖ କରିବା ଆବଶ୍ୟକ । କେନ୍ଦ୍ରରେ ନଥିଭୁକ୍ତ ପ୍ରତ୍ୟେକ ପିଲାର ଓଜନ, ଉଚ୍ଚତା, ଟିକାକରଣ ତଥା ସ୍ୱାସ୍ଥ୍ୟ ବିଷୟରେ ସମସ୍ତ ତଥ୍ୟ, ସପ୍ତାହର ଏକ ନିର୍ଦ୍ଦିଷ୍ଟ ଦିନରେ ମୋବାଇଲ ଫୋନ ବ୍ୟବହାର କରି ଅପଲୋଡ୍ କରିବାକୁ ହେବ । ଏଥିପାଇଁ ଅଙ୍ଗନବାଡ଼ିକର୍ମୀଙ୍କୁ ମୋବାଇଲ ଫୋନ ଓ ଇଂଟରନେଟ୍ ପରିଚାଳନା ବିଷୟରେ ତାଲିମ୍ ଦେବା ଆବଶ୍ୟକ । ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର ମାଧ୍ୟମରେ ଏହି ସୂଚନା ମା'ମାନଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଗ୍ରାମ, ପଂଚାୟତ, ବ୍ଲକ ତଥା ଜିଲ୍ଲାସ୍ତରରେ ପ୍ରକଳ୍ପ ସହ ଜଡ଼ିତ ସମସ୍ତେ ତତ୍କ୍ଷଣାତ ଏ ବିଷୟରେ ଜାଣିପାରିବେ । ପ୍ରଯୁକ୍ତି ବିଜ୍ଞାନ ବ୍ୟବହାର କରି ଏହି ତଥ୍ୟ ଯୋଜନାର ସଫଳ ରୂପାୟନ ଓ ଦୁର୍ନୀତି ନିବାରଣରେ ଏକ ବୈପ୍ଳବିକ ପରିବର୍ତନ ଆଣିପାରିବ ।

ଏହି ପ୍ରକଳ୍ପ ରୂପାୟନ ପାଇଁ ଜିଲ୍ଲା ସ୍ତରରେ ଜଣେ ମନ୍ତ୍ରୀଙ୍କ ଅଧ୍ୟକ୍ଷତା ଓ ଜିଲ୍ଲାପାଳଙ୍କ ସହ-ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇପାରେ । ଅର୍ଥ ସଂଗ୍ରହ, ଭିତିଭୂମି ନିର୍ମାଣ ଓ ଦୈନନ୍ଦିନ ପରିଚାଳନା ଆଦି ସମସ୍ତ ବିଷୟ ଏହି କମିଟି ଦ୍ୱାରା ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ଦିନରେ କରିବା ଉଚିତ ହେବ । ଏହିପରି ଏକ ଜଟିଳ ଓ ଗୁରୁତ୍ୱପୂର୍ଣ୍ଣ ବିଷୟଟିର ସଫଳ ରୂପାୟନରେ ସମୟ ଲାଗିବ । ପ୍ରଶାସନରେ ଥିବା ଅଧିକାରୀମାନେ ରାଜ୍ୟର ଶିଶୁମାନଙ୍କୁ ନିଜ ପିଲା ବୋଲି ଭାବିଲେ ଅନ୍ୟ ସବୁ କଥା ସହଜ ହୋଇଯିବ । ଏହି ବିଷୟଟିକୁ ସଂକୀର୍ଣ୍ଣ ରାଜନୀତିଠାରୁ ଉପରେ ରଖି ଗଣମାଧ୍ୟମ, ବିପକ୍ଷ ରାଜନୈତିକ ଦଳ ଓ ଜନସାଧାରଣ ସମ୍ପୂର୍ଣ୍ଣ ସହଯୋଗ କରିବା ଆବଶ୍ୟକ, ଯାହା କର୍ମଚାରୀମାନଙ୍କର ମନୋବଳ ଦୃଢ଼ କରିବ । ମାନବ ସମ୍ପଦ ବିକାଶ ପାଇଁ ଏହି ଯୋଜନାର ବିକଳ୍ପ ନାହିଁ । ଅଙ୍ଗନବାଡ଼ିକେନ୍ଦ୍ର ହେଉଛି ଗାଁ ଗହଳରେ ଥିବା ଏକମାତ୍ର ସାର୍ବଜନୀନ ପ୍ରତିଷ୍ଠାନ । ସାରା ଓଡ଼ିଶାରେ ଥିବା ୭୪, ୧୫୭ ଟି ଅଙ୍ଗନବାଡ଼ି କେନ୍ଦ୍ର ଲୋକମାନଙ୍କର ବିକାଶ ପାଇଁ ଗୋଟିଏ ରେଳଲାଇନ ପରି । ଏହାକୁ ଭିତିକରି ମାନବ ସମ୍ପଦ, ବିଶେଷକରି ଦୁର୍ଗମ ଅଂଚଳରେ ରହୁଥିବା ଲୋକ ତଥା ଶିଶୁମାନଙ୍କ ବିକାଶ ପାଇଁ ଯୋଜନାଗୁଡ଼ିକ କମ୍ ଖର୍ଚ୍ଚ ତଥା ଦୁର୍ନୀତିମୁକ୍ତ ଭାବରେ ରୂପାୟନ କରାଯାଇ ପାରିବ ।

PARYABEKHYAK




# କଳିଙ୍ଗ ନଗର ରାସ୍ତା ଏବେ ମରଣା ଯନ୍ତା, ସାଧାରଣ ଯାତ୍ରୀ ହିନସ୍ତା



କଳିଙ୍ଗନଗର : ମରଣଯନ୍ତା ପାଲିଟିଛି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ୱପ୍ନର କଳିଙ୍ଗ ନଗର । ପ୍ରତ୍ୟେକ ଦିନ କିଛି ନା କିଛ ଦୁର୍ଘଟଣା ଘଟୁଛି ।ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ନଥିବା ହେତୁ ବହୁ କ୍ଷତି ହେଉଛି ।କେବଳ ଏଠାରେ ଟ୍ରାଫିକ ଆସନ୍ତି ଜୋରିମାନ ଆଦାୟ କରିବାରେ ଏହି ଅଞ୍ଚଳରେ ନିୟୋଜିତ ରହିଥାନ୍ତି କିନ୍ତୁ ବଡ଼ ଗାଡି ପାଇଁ କିଛି ବି ପଡେପକ୍ଷ ନେଉଥିବା ସାଧାରଣ ଲୋକ ଚର୍ଚ୍ଚା ହୁଏ। ହଜାର ହଜାର ପଥଚାରିଙ୍କ ପାଇଁ ଲମ୍ବି ଯାଇଥିବା ରାଜପଥ ଏବେ ଶିଳ୍ପ ଉଦ୍ୟଗିଙ୍କ କବଜାରେ,କଳିଙ୍ଗ ନଗରରୁ ଲାଭବାନ ହୋଇ କିନ୍ତୁ ରାସ୍ତା ସେହିଭଳି ଭାବରେ ଉନ୍ନୟତି ହୋଇନାହିଁ। କଳିଙ୍ଗ ନଗର ହେଉଛି ଏସିଆ ମହାଦେଶ ଶିଳ୍ପ ରାଜଧାନୀ।ଏଠାକୁ ବହୁ ସଂଖ୍ୟକ ଶ୍ରମିକ କାର୍ଯ୍ୟ କରିବାକୁ କାରଖାନା ଆସିଥାନ୍ତି।ସଖାଳ ଓ ସନ୍ଧ୍ୟା ହେଲେ ଅନେକ ଗାଡି ଯାତାୟାତ କରିଥାନ୍ତି କିନ୍ତୁ ଏହା ମଧ୍ୟରେ କଳିଙ୍ଗ ନଗରରେ ବିଭିନ୍ନ କାରଖାନା ବସଙ୍କ କଥା ନ କହିବା ଭଲ। ବିଭିନ୍ନ କାରଖାନା ଡୁବୁରୀରୁ ଯାଜପୁର ରୋଡ଼ ଓ ମିଲିଟାରୀ ଛକରୁ ବଙ୍ଗଳା ଛକ ପର୍ଯ୍ୟନ୍ତ ବହୁ କର୍ମଚାରୀ ଓ ଶ୍ରମିକ ଯାତାୟାତ କରିଥାନ୍ତି ।କାରଖାନା ବସର ଡ୍ରାଇଭର ସବୁ ଗାଡ଼ି ବହୁ ବେଗରେ ଚଲାଉଥିବା ବେଳେ ଜନସାଧାରଣ ଅସ୍ତବ୍ୟସ୍ତ ।କଳିଙ୍ଗ ନଗରରେ ଟ୍ରାଫିକ ସମସ୍ୟା, ରାସ୍ତା ସମସ୍ୟା ହୋଇଥିବାରୁ ସନ୍ଧ୍ୟା ଓ ସଖାଳେ ହେଲେ ରାସ୍ତା ଜାମ ସହିତ କଳିଙ୍ଗ ନଗରବାସୀ ଦୁର୍ଘଟଣା ଶିକାର ହୋଇଥାନ୍ତି ।ଏହି ସମୟରେ କର୍ମଚାରୀ ଓ ଶ୍ରମିକ ଶୀଘ୍ର ପହଁଚିଵା ପାଇଁ ଗାଡି ଦ୍ରୁତ ଗତିରେ ଚାଲାନ୍ତି ।କମ୍ପାନୀ ବସ ମାଲିକାନାରେ, କଳିଙ୍ଗନଗର ରାଜରାସ୍ତା ଜନଜୀବନ ଅସ୍ତ ବ୍ୟସ୍ତ, କମ୍ପାନୀ ବସ କବଜାରେ ରାଜପଥ, ଜନଜୀବନ ଆକଚ଼, ମାକ ଚା'। ବିଦେଶୀ ପୁଞ୍ଜି ନିବେଶକାରୀ କମ୍ପାନୀ ମାନେ ଏବେ ଓଡ଼ିଶା ମୁହାଁ ।ନିଜ ପୁଞ୍ଜିକୁ ଦ୍ୱିଗୁଣିତ କରିବା ପାଇଁ ଉଦ୍ୟଗୀମାନେ ନିଜ ନିଜର ପ୍ରୟାସ ଜାରି ରଖିଥିବା ବେଳେ ସୁନାର ସୁବିଧାକୁ ଅଣଦେଖା କରିବାର ଲାଗିଥିବା ମନେ ହୁଏ ।ତଥ୍ୟ କହୁଛି ଶିଳ୍ପ ନଗରୀ କଳିଙ୍ଗ ନଗରକୁ ୨୦୩୦ମସିହା ସୁଦ୍ଧା ଦ୍ୱିତୀୟ ମୁମ୍ବାଇ ସହର ଏକ ନମ୍ବର ମାନ୍ୟତା ଦେବେ ବୋଲି କାରଖାନା ମାନେ ଡିଣ୍ଡିମ ପିଟୁଥିବା ବେଳେ, କଳିଙ୍ଗ ନଗର ରାଜପଥକୁ ଦେଖିଲେ, ସେମାନଙ୍କ ପ୍ରତିଶ୍ରୁତି ଏବଂ କାର୍ଯ୍ୟକାରୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।କଳିଙ୍ଗ ନଗରରେ ରାସ୍ତାର ଭିତ୍ତିଭୂମି ଡିକସେ ନଥିବାରୁ ଯଥା ଦାନଗଦି ଛକ,ମାନପୁର ବ୍ରିଜ, ମିଲିଟାରୀ ଛକ, ତେଲେବୋହାଲି ଛକ, ରବଣା ଛକ, ଡୁବୁରୀ ଛକ ଏସବୁ ଛକରେ ଜାମ ପରିଲକ୍ଷିତ ହୁଏ।

# ଶିବମନ୍ଦିର ପ୍ରତିଷ୍ଠା ଉତ୍ସବରେ ହରେରାମ ହରେକୃଷ୍ଣ ଓ ଜୟ ଶିବଶମ୍ଭୁ ନାଦ ପ୍ରକମ୍ପିତ

ବରଗଡ଼, : ଆଧ୍ୟାମିକ ପରିବେଶ ମଧ୍ୟରେ ବରଗଡ଼ ୱାର୍ଡ ନଂ ୦୩ ସ୍ଥିତ ସୁନାରୀ ବନ୍ଦ ଠାରେ ନବ ନିର୍ମିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ନିମନ୍ତ୍ରିତ ଇସ୍କନ ପ୍ରଚାରକ ମାନେ ହରେକୃଷ୍ଣ ହରେରାମ ମହାମନ୍ତ୍ର ଏବଂ ଜୟ ଶିବଶମ୍ଭୁ ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା। ହଜାର ହଜାର ଶ୍ରଦ୍ଧାଳୁମାନେ ଏଥିରେ ସାମିଲ ହୋଇ ହରେରାମ ହରେକୃଷ୍ଣ ମହାମନ୍ତ୍ରରେ ନିଜକୁ ହଜେଇ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ଇସ୍କନ ର ପ୍ରଧାନ ସେବକ ରାଧିକେଶ ରସରାଜ ଦାଶ ପ୍ରଭୁ,ଜୟ ମୁକୁନ୍ଦ ପ୍ରଭୁ, ତପସ୍ୱି ଗୋପିନାଥ ପ୍ରଭୁ, ଭାଗିରଥି ଚୈତନ୍ୟ ପ୍ରଭୁ, ଶ୍ରୀବତ୍ସ ପ୍ରଭୁ, ରାଧା ସୁସ୍ମିତା ଦେବୀ,



ସୁରେଶ୍ୱରୀ ଦେବୀ, ବୃନ୍ଦାବତୀ ଦେବୀ, ତପସ୍ୱିନୀ ଦେବୀ, ତନୁଜା ପାତ୍ର ଆଦି ଯୋଗଦେଇଥିଲେ । ଶେଷରେ ଇସ୍କନ ପ୍ରଚାରକ ଅଭିଜିତ କ୍ରିଷ୍ଣା ପ୍ରଭୁ ସମସ୍ତ ଭକ୍ତ ବୃନ୍ଦ ଙ୍କୁ ବରଗଡ଼ ଇସ୍କନ କେନ୍ଦ୍ର କୁ ଆସିବାକୁ ଅନୁରୋଧ କରିଥିଲେ ଓ ମନ୍ଦିର ର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛତୁଆଧରି ଯାଉଥିବା କେଣ୍ଟର ଧକ୍କା ରେ ଶିଶୁ ମୃତ

ଆନନ୍ଦପୁର : ହାଟଡିହି ବ୍ଲକ ଅନ୍ତର୍ଗତ ଶଙ୍କଟପାଳିଆ ଛକରେ ହଦଗର ମୁହାଁ କରି ଆସୁଥିବା ଏକ କେଣ୍ଟରଗାଡି ନମ୍ବର ୨୨୧୧୮୩ଧକ୍କା ଦେବାରୁ ଏକ ପାଞ୍ଚବର୍ଷ ରଶିଶୁ ମୃତ୍ୟୁ ଘଟିଛି ।।ଖବର ଜଣା ଗଲାକି ସଙ୍କଟପାଳିଆ ନିକଟରେ ଏକବନ୍ଧୁ ଘରଖ୍ରିଷ୍ଟ ପର୍ବ ଚାଲୁଥିଲା।ସେଠାକୁ ବନ୍ତ ବ୍ଲକ ଦୋଳ ପଦୀ ଗ୍ରାମରକାଳିଆ ମୁଣ୍ଡା. ମୁକ୍ତା ମୁଣ୍ଡା ଯୀଶୁ ଖ୍ରିଷ୍ଟ ପର୍ବ ଉପ ଭୋଗ କରୁଥିଲା ବେଳେପାଞ୍ଚ ବର୍ଷ ର ଶିଶୁଟି ରୋଡ଼ ପାର ହେଲା ବେଳେ ଦୁର୍ଘଟଣା ଘଟି ଥିଲା । ଘଟଣା ଟି ଘଟିବା ସ୍ଥଳରେ ଗ୍ରାମବାସୀ ହଦଗର ଛେନାପଦୀ ରୋଡ଼ ସଙ୍କଟପାଳିଆ ଠାରେ ମୃତ ଶିଶୁ କୁ ଧରି ରାସ୍ତା ଅବ ରୋଧ କରିଛନ୍ତି । ଖବର ପାଇ ଶୋଷ ଆଇ ଆଇ ସି ବିହାରୀ ଲାଲ ନନ୍ଦିପଦା ଆଇ ଆଇ ସି ରବୀନ୍ଦ୍ର କୁମାର ପାତ୍ର ପହଂଚି ବୁଝା ସୁଝା କରିବାସହ ସାନ୍ତୋନା



ଦେଉଛନ୍ତି । ଆଦିବାସୀଙ୍କ ଦାବୀ ଅନୁଯାଇ ମୃତ୍ୟୁ ଶିଶୁ ର ପରିବାର ଛଅଲକ୍ଷ ଟଙ୍କା କ୍ଷେତିପୂରଣ ପ୍ରଦାନ କରିବାପାଇଁ ଦାବୀ ରଖି ଛନ୍ତି । ଦୀର୍ଘ ଛଅ ଘଣ୍ଟା ଆଦିବାସୀ ଙ୍କ ରାସ୍ତା ରୋକପରେ ଆନନ୍ଦପୁର ଏସ ଡି ପି ଓ ପ୍ରଶାନ୍ତ କୁମାର ବେହେରାଙ୍କ ବୁଝା ସୁଝା ପରେ ରାସ୍ତାରୋକ ରୁ ହଟିଯାଇ ଥିଲେ ।

# ବିନା କାଗଜ ପତ୍ରରେ ଆଦାୟ ହେଉଛି ପାର୍କିଂ ଫି !

ଗଞ୍ଜାମ, : ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଶାସନିକ ପରିଚାଳନା ବିଫଳତା ପୁଣି ସାମ୍ନାକୁ ଆସୁଛି ।ନିଜର ବିଫଳତା ପରିଚାଳନା ପାଇଁ ରାଜସ୍ୱ ହରାଉଛି ଏନ.ଏ ସି. କର୍ତ୍ତୃପକ୍ଷ। ବିନା କାଗଜ ପତ୍ର ଓ ନକଲି ରସିଦରେ ପାର୍କିଂ ଫି ବାବଦରେ ପାନୁ ଆଦାୟ କରୁଛି ପାନୁ ଆଦୟକାରୀ ସଂସ୍ଥା । ଏଥିରୁ ବାଦ୍ ପଡୁ ନାହାଁନ୍ତି ଗରିବ ଉଠା ଦୋକାନୀ ଓ ଗଳି ବେପାରୀ। ଏନ.ଏ.ସି କର୍ତ୍ତୃପକ୍ଷ ଏନେଇ ଅବଗତ ଥିଲେ ବି ଏପର୍ଯ୍ୟନ୍ତ ନେଇ ନାହିଁ କୌଣସି କାର୍ଯ୍ୟାନୁଷ୍ଠାନ। ତେବେ ସଂପୃକ୍ତ ସଂସ୍ଥା ପ୍ରତି କର୍ତ୍ତୃପକ୍ଷଙ୍କ ଅହେତୁକ ଅନୁକମ୍ପା ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଏ ବାବଦରେ ତଥ୍ୟ ମାଗିଲେ ସାମ୍ବାଦିକଙ୍କୁ ତଥ୍ୟ ଦେବାକୁ ମନା କରୁଛନ୍ତି କର୍ମଚାରୀ କିନ୍ତୁ ଅନ୍ୟ ପଟରେ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ନଥି ପତ୍ର କ ଅଲ୍କେଶରେ ୱାଟସ୍ ଆପ୍ ରେ ଘୁରି ବୁଲୁଛି ତାହା ତଦନ୍ତ ସପକ୍ଷ ।ସୂଚନା ଅନୁସାରେ ପାନୁ ଆଦାୟ ସଂସ୍ଥାକୁ ୧୭ ଜୁଲାଇ ୨୦୨୩ ରେ ମାସିକ ୧୫୦୦୦ ବରଦାରେ ତିନି ବର୍ଷ ଦିଆ ଯାଇଥିଲା ଲାଇସେନ୍ସ। ତିନି ମାସର ଅଗ୍ରମି ଟଙ୍କା ନେଇ ପ୍ରତ୍ୟେକ ତିନି ମାସରେ ନୂଆଁ କାର୍ଯ୍ୟଦେଶ ଦେବା ପାଇଁ ନିୟମ ବି ରହିଥିଲା । ନିୟମ ଖିଲାପ କଲେ ନୂଆଁ ଟେଣ୍ଡର କରିବା ପାଇଁ ସର୍ତ୍ତାବଳି ବି ଥିଲା କିନ୍ତୁ ନିୟମକୁ ଖାତିର ନ କରି ବିନା କାର୍ଯ୍ୟାଦେଶ ରେ ଏ ପର୍ଯ୍ୟନ୍ତ ଆଦାୟ ହେଉଛି ପାନୁ ଟଙ୍କା। ଅନ୍ୟପଟରେ ପୋତାଗଡରେ ଏନ.ଏ.ସି କର୍ତ୍ତୃପକ୍ଷଙ୍କ ତରଫରୁ ବିନା ଶୁଳ୍କରେ ପ୍ରବେଶ ପାଇଁ ଲେଖା ଯାଇଥିଲେ ମଧ୍ୟ ଆଦାୟ ହେଉଛି ପାର୍କିଂ ଫି,ପର୍ଯ୍ୟଟନ ଶୁଳ୍କ ଏବଂ ରେଜିଷ୍ଟର ବି ପରିଚାଳନା ହେଉଥିବା ଦେଖାଦେଇଛି। ଏ ବାବଦରେ ସୋସିଆଲ ମିଡିଆରେ ସାନିଟାଇଜର୍ ବିଶେଷଜ୍ଞ ଓ ଏନ.ଏ.ସି ଏ କର୍ମଚାରୀଙ୍କ ମଧ୍ୟରେ କଥା କଟା କଟି ଭିଡିଓ ଘୂରି ବୁଲୁଛି । ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିକ୍ରିୟାରେ କହିଛନ୍ତି ଟେଣ୍ଡର ସରି ନାହିଁ ଏବଂ ପୋତାଗଡ ଘଟଣାରେ ଜାଣି ନଥିବା କଥା କହିଛନ୍ତି ।ତେବେ ସବୁଠାରୁ ବଡ ପ୍ରଶ୍ନ କାର୍ଯ୍ୟଳୟର ଦୁଇ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ କଥା କଟା କଟି ହୋଇ ସୋସିଆଲ ମିଡ଼ିଆରେ ଘୂରି ବୁଲିଲା ତଥାପି କିପରି କାର୍ଯ୍ୟନିର୍ବାହୀ ଅଧିକାରୀ ଏ ବିଷୟରେ ଅବଗତ ନାହାନ୍ତି । ଅନ୍ୟପଟରେ ପାନୁ ଆଦାୟକାରି ସଂସ୍ଥା ତରଫରୁ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଭେଟି କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ କୌଣଷି ସନ୍ଧି ପ୍ରସ୍ତୁତ କରାଯାଇ ନାହିଁ

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରାସ୍ତାର ଶିଳାନ୍ୟାସ ଦୁଇଟି ଗୃହର ଶୁଭ ଉଦ୍‌ଘାଟନ

ଟାଙ୍ଗୀ : ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବଡପୋଖରୀଆ-କମାଗୁରୁ ରାସ୍ତାର ଉନ୍ନତି କରଣ ନିମନ୍ତେ ଶିଳାନ୍ୟାସ କରିଥିବା ବେଳେ ନିରାକାରପୁର ଠାରେ ସ୍ଥାପିତ ହୋଇଥିବା ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ଏବଂ ସଖାସଂଘ କ୍ରୀଡା ସଂସଦ ନୂତନ ଗୃହକୁ ଉଦଘାଟନ କରିଛନ୍ତି ଭୁବନେଶ୍ୱର ସାସଂଦ ଅପରାଜିତା ଷଡ଼ଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ। ସାସଂଦ ପ୍ରଥମେ ବଡପୋଖରୀଆ-କମାଗୁରୁ ରାସ୍ତାର ଶିଳାନ୍ୟାସ କଲେ ପରେ ନିରାକାରପୁର ଠାରେ ୫ଲକ୍ଷ ଟଙ୍କା ରେ ସଖାସଂଘ କ୍ରିଡା ସଂସଦ ଗୃହକୁ ଉଦଘାଟନ କରିବା ପରେ ୧୮ଲକ୍ଷ ଟଙ୍କା ବ୍ୟୟବରାଦ ରେ ନିର୍ମାଣ ହୋଇଥିବା ନୂତନ




ନିରାକାରପୁର ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟାଳୟ ର ଶୁଭ ଉଦଘାଟନ କରିଥିଲେ। ରାଜସ୍ୱ ଉଦଘାଟନ ସମୟରେ ଉପସ୍ଥିତ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା, ବ୍ଲକ ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ନିରାକାରପୁର ସରପଞ୍ଚ, ସମିତି ସଭ୍ୟ,ରାଜସ୍ୱ ନିରିକ୍ଷକ,ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଯୋଇ ଦେଇଥିଲେ ।ଶେଷରେ ଭୂବନେଶ୍ୱର ସାସଂଦ ଅପରାଜିତା ଷଡ଼ଙ୍ଗୀ ଏକ ପଦଯାତ୍ରାରେ ନିରାକାରପୁର ବଜାର ପରିକ୍ରମା କରିଥିଲେ।

# ମାନସିକ ଯନ୍ତ୍ରଣା ଯୋଗୁଁ ହୃଦଘାତରେ ମୃତ୍ୟୁବରଣ କଲେ ଶିକ୍ଷୟିତ୍ରୀ

ରଘୁନାଥପୁର, : ମାନସିକ ଯନ୍ତ୍ରଣା ଯୋଗୁଁ ରଘୁନାଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଏରଡଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର (୫୧)ଙ୍କ ଗତ ୨୫ତାରିଖରେ ମୃତ୍ୟୁ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉକି,ଗତ ଡ଼ିସେମ୍ବର ମାସରୁ ରାଜ୍ୟରେ ଗଣ ଶିକ୍ଷକ,ଏକ୍ସ କ୍ୟାଡର,ଇଭି ଭଲେଣ୍ଟିଅର, କଳା ଶିକ୍ଷକ ଓ ଗୀତ ଶିକ୍ଷକମାନେ ବେତନ ନପାଇ ବିଭିନ୍ନ ପ୍ରକାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ବହୁ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଛି। ଏଥିପାଇଁ ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବହୁ ମାନସିକ ଚାପର ବଶବର୍ତ୍ତୀ



ହେଉଥିବା ବେଳେ ଗତ ସୋମବାର ଦିନ ଏରଡଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର ସ୍କୁଲକୁ ଯିବା ସମୟରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ତେବେ ଦରମା ନପାଇ ଦୀର୍ଘ ଦୁଇମାସ ହେବ ତାଙ୍କ ମାଆ ବହୁ ମାନସିକ ଚାପରେ ରହୁଥିବା ଉକ୍ତ ଶିକ୍ଷୟିତ୍ରୀଙ୍କ ପୁଅ ଆଶୁତୋଷ ପଣ୍ଡା ଗଣମାଧମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି ।ଏ ସଂକ୍ରାନ୍ତରେ ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ଏହି ଘଟଣାରେ ସେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଦରମା ଦେବା ପାଇଁ ଉପରୁ କୌଣସି ଆଲଟମେଣ୍ଟ ଆସିନଥିବା ଜଣାଇଛନ୍ତି।

# ସଫଳତାର ସହ ଶେଷ ହେଲା ଇଲେକ୍ରାମା ୨୦୨୫

ଭୁବନେଶ୍ୱର : ଇଣ୍ଡିଆନ ଇଲେକ୍ଟ୍ରିକାଲ ଆଣ୍ଡ ଇଲେକଟ୍ରୋନିକ ମ୍ୟାନୁଫ୍ୟାକଚର୍ସ ଆସୋସିଏସନ (ଆଇଇଇଏଏମ) ପକ୍ଷରୁ ଆୟୋଜିତ ଇଲେକ୍ରାମା ୨୦୨୫ର ୧୬ତମ ସଂସ୍କରଣ ଆଜି ଇଲେକ୍ଟ୍ରିକାଲ ଓ ଆନୁଷଙ୍ଗିକ ଇଲେକଟ୍ରୋନିକ ଶିଳ୍ପର ପ୍ରମୁଖ ବୈଶ୍ୱିକ ପ୍ଲାଟଫର୍ମ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି । ଏହି ସଂସ୍କରଣ ପୂର୍ବ ରେକର୍ଡ ଭାଙ୍ଗି ୧୦୦୦ରୁ ଅଧିକ ପ୍ରଦର୍ଶନ ,୪୦୦,୦୦୦ ରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥିଲା ଏବଂ ଆନୁମାନିକ ୨୦ ବିଲିୟନ ଡଲାରର ବ୍ୟବସାୟିକ ଅନୁସନ୍ଧାନ ସୃଷ୍ଟି କରିଥିଲା - ଯାହା କି ଏହି ଇଭେଂଟର ଅତୁଳନୀୟ ସ୍କେଲ, ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଆକର୍ଷଣର ପ୍ରମାଣ । ଚଳିତ ବର୍ଷର ସବୁଠାରୁ ବଡ ଆକର୍ଷଣ ଥିଲା ନ୍ୟୁ ଏନର୍ଜିସ ପ୍ୟାଭିଲିୟନର ଶୁଭାରମ୍ଭ, ଯାହାକି ବ୍ୟାଟେରୀ ଷ୍ଟୋରେଜ, ଇଭି ଚାର୍ଜିଂ ଭିତିଭୂମି , ଡିଜିଟାଲ ଶକ୍ତି, ସୋଲାର ମଡ୍ୟୁଲ , ସୋଲାର ଇନଭର୍ଟର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତାର ଜ୍ଞାନକୌଶଳର ଏକ ଗେମ-ଚେଂଜିଙ୍ଗ ପ୍ରଦର୍ଶନ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗିନିଆର ଏମଇଏଚଏଚ ର ଡେପୁଟି ମିନିଷ୍ଟର ମାନ୍ୟବର ମନ୍ତ୍ରୀ ବାଚିର କାମାରା କହିଛନ୍ତି ଯେ, "ଶକ୍ତି ଏବଂ ଡିଜିଟାଇଜେସନ କ୍ଷେତ୍ରରେ ଭାରତର ଅଗ୍ରଗତି ଗିନି ଭଳି ବିକାଶଶୀଳ ଦେଶମାନଙ୍କ ପାଇଁ ମୂଲ୍ୟବାନ ବୁଝାମଣା ପ୍ରଦାନ କରିଛି । ଭାରତ ସହ ସହଯୋଗକୁ ସୁଦୃଢ଼ କରିବା ଦ୍ୱାରା ଆମେ ଆମର ବିଦ୍ୟୁତ ବ୍ୟବସ୍ଥାକୁ ବୃଦ୍ଧି କରିବା ଏବଂ ଅଭିନବ ସମାଧାନ ଗ୍ରହଣ କରିବାରେ ସାହାଯ୍ୟ କରିପାରିବା । " ଏହି କାର୍ଯ୍ୟକ୍ରମର ସମ୍ଭାବନା ଉପରେ ଆଲୋକପାତ କରି ବିଡିର ମୁଖ୍ୟ ଏବଂ ୟୁରେଲେକଟ୍ରିକର ଅଂଶୀଦାର କ୍ରିସ ଭାନ ଡେନ ଜେଲ କହିଛନ୍ତି ଯେ, "ଇଲେକ୍ରାମା ଏକ ଚମତ୍କାର ଅନୁଭୂତି, ଯାହା ଭାରତୀୟ ଶକ୍ତି କ୍ଷେତ୍ର ଏବଂ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧିକୁ ପ୍ରଦର୍ଶିତ କରୁଛି । ଭାରତୀୟ କଂପାନିଗୁଡିକର ଉଦ୍ଭାବନ, ସଂପ୍ରସାରଣ କ୍ଷମତା ଏବଂ ସ୍ୱାଗତଯୋଗ୍ୟ ବ୍ୟବସାୟ ସଂସ୍କୃତି ଦ୍ୱାରା ଆମେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲୁ । " ଚଳିତ ବର୍ଷେ ସଂସ୍କରଣର ମହତ୍ୱ ଉପରେ ଆଇଇଇଏମଏ ଏ ର ପ୍ରେସିଡେଂଟ ସୁନୀଲ ସିଂଘଭି କହିଛନ୍ତି ଯେ, "ଇଲେକ୍ରାମା ୨୦୨୫ ସମସ୍ତ ଆଶାକୁ ଅତିକ୍ରମ କରିଛି ଏବଂ ବୈଦ୍ୟୁତିକ ଏବଂ ଶକ୍ତି ଶିଳ୍ପ ପାଇଁ ବିଶ୍ୱର ଅଗ୍ରଣୀ ପ୍ଲାଟଫର୍ମ ଭାବରେ ଏହାର ଯାତ୍ରାରେ ଆଉ ଏକ ମାଇଲଖୁଂଟି ସୃଷ୍ଟି କରିଛି ।" ବିକ୍ରମ ଗଣ୍ଡୋତ୍ରା ପ୍ରେସିଡେଂଟ (ଇଲେକଟ) ଏବଂ ଇଲେକ୍ରାମା ୨୦୨୫ର ଚେୟାରମ୍ୟାନ କହିଛନ୍ତି ।

# ମାନବ ଅଧିକାର ସଂଗଠନମାନଙ୍କ ର ଭୂମିକା ଶୀର୍ଷକ




ଯାଜପୁର : ଆଜି ବିଶ୍ୱ ମାନବଧିକାର ସୁରକ୍ଷା ସଂଗଠନ ତରଫରୁ ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ଠାରେ ବିକଶିତ ଓଡିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭, ମାନବ ଅଧିକାର ସଂଗଠନ ମାନଙ୍କ ର ଭୂମିକା ଶୀର୍ଷକ ରେ ଯୋଗ ଦେଇ ଏ କଥା କହିଥିଲେ । ଯାଜପୁର ସାଂସଦ ଶ୍ରୀଯୁକ୍ତ ରବି ବେହେରା ସଂଗଠନ ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡାକ୍ତର ଅଭିନ୍ନ ହୋତା, ସଂଗଠନ ର ଆଭିମୁଖ୍ୟ ସମ୍ପର୍କ ରେ ସୂଚନା ଦେଇ କହିଲେ ବିକାଶ ସମାଜ ର ସବୁ ବର୍ଗ କୁ ଛୁଇଁବା ଦରକାର । ଭାରତ ର ଅର୍ଥନୀତି ରେ ଓଡିଶା ର ସବୁଠୁ ବେଶି ଅନୁଦାନ ରହିବ କାରଣ ପ୍ରାକୃତିକ ସମ୍ପଦ ରେ ଭରପୁର ଓଡିଶା ରେ ଲୁହା, ବକ୍ସାଇଟ, କ୍ରୋମାଇଟ, କୋଇଲା ପ୍ରଚୁର ପରିମାଣ ରେ ରହିଛି କିନ୍ତୁ ଏହା ସଙ୍ଗେ ସଙ୍ଗେ ବିସ୍ଥାପନ ଏବଂ ପରିବେଶ ପ୍ରଦୂଷଣ ମଧ୍ୟ ବଢିବ, ତେଣୁ ଏ ସବୁ ଉପରେ ମାନବ ଅଧିକାର ସଂଗଠନ ମାନେ ତୀକ୍ଷ୍ଣ ନଜର ରଖିଛନ୍ତି । ଆମେ ଭାରତୀୟ ସମ୍ବିଧାନ ର ଧାରା ୧୪,୧୯ ଏବଂ ୨୧ ପାଇଁ ସର୍ବଦା କାର୍ଯ୍ୟରତ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଭାରତ ଗୌରବ ସମ୍ମାନ, ଡ଼ଃ ଆମ୍ବେଦକର ସାମାଜିକ ନ୍ୟାୟ ସମ୍ମାନ ପ୍ରଦାନ କରାଯାଇଥିଲା ।

# ଓମ୍ ଫେଡ୍‌କୁ ଆହୁରି ସଶକ୍ତ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର, : ସିସିଟିଭି ନଜରରେ ରହିଲା ଓଫେଡ୍ ? ର ଅରିଲୋସ୍ଥିତ ଦୁଗ୍ଧ ପ୍ରକ୍ରିୟା କରଣ କେନ୍ଦ୍ର । ଓନେଡ୍ ? ଅରିଲୋସ୍ଥିତ ପ୍ଲାଣ୍ଟରେ ଆଜିଠାରୁ ସିସିଟିଭି କାର୍ଯ୍ୟକ୍ଷମ ହେଲା । ଏହି କାର୍ଯ୍ୟକ୍ରମକୁ ମାନ୍ୟବର ମତ୍ସ୍ୟ, ପଶୁ ସଂପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ଉଦଘାଟନ କରିଛନ୍ତି । ଅରିଲୋସ୍ଥିତ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଛନ୍ତି । ଏହି ପ୍ଲାଣ୍ଟରେ ମୋଟ ୨ଟି ସିସି ଟିଭି ଲାଗିଛି । ଏଥିପାଇଁ ଏକ କଣ୍ଟ୍ରୋଲରୁମ ମଧ୍ୟ ଏଠାରେ ଖୋଲା ଯାଇଛି । କେବଳ କେତିକି ନୁହେଁ, ଅରିଲୋ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କେତେ ଦୁଗ୍ଧ ଆସିଲା, କେତେ ପ୍ରକ୍ରିୟାକରଣ ହେଲା, କେଉଁ କେଉଁ ଉତ୍ପାଦ କେତେ କେତେ ପ୍ରସ୍ତୁତ ହେଲା, କେତେ ବଜାରକୁ ଗଲା ଆଉ କେତେ ମହଜୁଦ୍ ରହିଲା, କିଏ କେଉଁ କାମ କରୁଛି ଆଦି ସବୁ କାର୍ଯ୍ୟକଳାପ ନିଜେ ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଭୁବନେଶ୍ୱରସ୍ଥିତ ସହିଦ ନଗର ମୁଖ୍ୟାଳୟରେ ବସି ତଦାରଖ କରିପାରିବେ । ପୂର୍ବରୁ ଏପରି ବ୍ୟବସ୍ଥା ନଥିଲା । ଆହୁରି କେତେକ ସିସିଟିଭିର ଆବଶ୍ୟକ ?ତା ରହିଛି । ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସେଗୁଡିକ ଲାଗିବ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି । ଓମେଡ୍ ସହ ଓଡିଆ ଅସ୍ମିତା ଜଡିତ ରହିଛି ଏବଂ ଓଫେଡ୍ ପ୍ରତି ରାଜ୍ୟବାସୀଙ୍କର ଆସ୍ଥା ଓ ବିଶ୍ୱାସ ରହିଛି, ତେଣୁ ଏହାକୁ ବ୍ୟବସ୍ଥିତ ଢଙ୍ଗରେ ସଶକ୍ତ କରିବା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଜ୍ଞାନ କୌଶଳର ପ୍ରୟୋଗ କରାଯିବ ବୋଲି କହିଛନ୍ତି ମାନ୍ୟବର ମନ୍ତ୍ରୀ । ଆଗକୁ ଓମ୍ଫେଡ୍ ? କିପରି ଲୋକମାଙ୍କୁ ଭଲ ସେବା ଦେଇପାରିବ, ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ଏବଂ ଉତ୍ତମ ମାନର ଉତ୍ପାଦ ଏହାର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଯୋଗାଇ ଦେଇପାରିବ, ସେ ନେଇ ଓମ୍ଫେଡର ପରିଚାଳନା ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକରୁଛନ୍ତି । ଓମେଡ୍ ପ୍ରତ୍ୟେକ ଉତ୍ପାଦର ଗୁଣଗୁଣାତ୍ମକମାନରେ କୌଣସି ସାଲିସ କରିବ ନାହିଁ । ଏବେ ଜଗନ୍ନାଥଙ୍କ ମନ୍ଦିରରେ ଓନେଡ ଘିଅ ଲାଗି ହେଉଛି । ସେହି ଭଳି ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଓଫେଡକୁ ସଶକ୍ତ କରାଯିବ ଏବଂ ପୁନଃଗଠନ କରାଯିବ । କେବଳ ସେତିକି ନୁହେଁ ଅଧିକ ଦୁଗ୍ଧ ଆମଦାନୀ କରାଯିବ । ସେଥି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଦେଇଛନ୍ତି । ଏହି ଯୋଜନାରେ ଓନେଡ୍ ? ମଧ୍ୟ ଭାଗିଦାରି ରହିଛି । କେବଳ ସେତିଥି ନୁହେଁ ଖୋଦ ମୁଖ୍ୟମନ୍ତ୍ରୀ ଓନେଡ ପ୍ରତି ସ୍ୱତନ୍ତ୍ର ଧାନ ଦେଇଛନ୍ତି । ବଜେଟରେ ମଧ୍ୟ ସ୍ୱତନ୍ତ୍ର ଭାବେ ଆର୍ଥିକ ବ୍ୟବସ୍ଥା କରାଯାଇଛି । ଆମ ସରକାର ଆସିବା ପରେ ଓମ୍ଫେଡକୁ ବ୍ୟବସ୍ଥିତ ଢଙ୍ଗରେ ଗଢିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି । ଖୁବ୍ ଶୀଘ୍ର ଅରିଲୋଠାରେ ଲାବ୍ରୋଟାରୀ, ଷ୍ଟାପ କ୍ୱାର୍ଟର, ଗେଷ୍ଟ ହାଉସ କରାଯିବ । ଓଶ୍ୱେତର ରାଜ୍ୟରେ ଯେଉଁ ମର୍ଯ୍ୟାଦା ରହିଛି, ତାହାକୁ ବଜାୟ ରଖିବା ପାଇଁ ଯାହା ଦରକାର ତାହା ସବୁ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି ।

# ଗାଡି ଚାଳକଙ୍କୁ ମାଡ଼ମାରି ଚାନ୍ଦା ମାଗିବା ଘଟଣାରେ ତିନି ଗିରଫ, ଅଭିଯୁକ୍ତଙ୍କ ଗାଡି ଜବତ

କଳିଙ୍ଗନଗର : ଟମକା ଥାନ ଅନ୍ତର୍ଗତ ଜେମାଦେଇପୁର ଶାସନଛକଠାରେ ଦୁଇଜଣ ଗାଡି ଡ୍ରାଇଭରଙ୍କୁ ମାଡ଼ମାରି ଚୋରୀ ଘଟଣାରେ ତିନି ଗିରଫ ସହ ଗୁରୁବାର ଦିନ କୋର୍ଟ ଚାଲାଣ। ସୂଚନା ମୁତାବକ ଯାଜପୁର ତେଲିପୋଖରୀ ଗାଁର ରତ୍ନାକର ମଲ୍ଲିକଙ୍କ ପୁଅ ନିରଞ୍ଜନ ମଲ୍ଲିକ (୩୮) ଓ ଜେନାପୁର ଅଞ୍ଚଳର ପବନ ଭୂୟାଁଙ୍କ ପୁଅ ବସନ୍ତ ଭୂୟାଁ (୪୦) ନିଜ ଗାଡି ଖାଲି କରି ଅପରାହ୍ନ ୨ଟା ବେଳେ ଆସୁଥିବା ବେଳେ କିଛି ଯୁବକ ଅଟକାଇ ଚାନ୍ଦା ମାଗିବା ସହ ଟଙ୍କା ନ ଦେବାରୁ ଧମକ ଦେଇ ନିରଞ୍ଜନଙ୍କୁ ଗାଡ଼ିରୁ ଘୋଷାରି ଆଣି ମାଡ଼ ମାରି ତାଙ୍କ ବେକରୁ ରୁପା ଚେନ ଓ ଅନ୍ୟ ଗାଡିର ଡ୍ରାଇଭର ବସନ୍ତ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କ ପାଖରୁ ଜୋର ଜବରଦସ୍ତ ତିନି ହଜାର ଟଙ୍କା ଛଡାଇ ନେଇଥିବାର ଟମକା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଏ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନପୁର ଗାଁର ଶିଶିର ବଳଙ୍କ ପୁଅ ରାଜା ଓରଫ ରାଜେଶ ବଳ (୪୦) ଙ୍କୁ ଗିରଫ କରି କେସ ନମ୍ବର ୩୬/୨୫ କୋର୍ଟ ଚାଲାଣ କରିବା ସହ ଏହି ତିନି ଜଣ ଆସିଥିବା ମହିନ୍ଦ୍ରା ନୁଭୁକ ସ୍ପୋର୍ଟ ଚାରିଚକିଆ ଗାଡି ନମ୍ବର ୦ଡ଼୦୪ଔ - ୩୨୧୯ କୁ ଜବତ କରିଛି।

# ମୋ ସହର

## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆ*ଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ତରଭା ପଂଚାୟତ ସମିତି ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ସୁବର୍ଣ୍ଣପୁର,(ପି.ଏନ):ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ।ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅ*ଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।




## 'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରୟୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍ଏସ୍ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବ*ଲେ କଳାକାର ବ*ବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅ*ଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ ।ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday June 12 ଭୁବନେଶ୍ୱର ଗୁରୁବାର, ୧୨, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପି. ଏମ. ଶ୍ରୀ. କେଦାର ନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଦିବାରାତ୍ର ଆନ୍ତଃ ବିଦ୍ୟାଳୟ ଏକ ଦିବସୀୟ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ, ଦ୍ୱାରି ବିଜେତା



ଅମ୍ବାଭୋନା,(ପି.ଏନ): ପି. ଏମ. ଶ୍ରୀ କେଦାର ନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ବ୍ଲକ ସ୍ତରୀୟ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଭଲିବଲ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥ ଅଧକ୍ଷତା କରିଥିଲେ ।ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବରଗଡ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକ ମୂଖ୍ୟ ଅତିଥି ଭାବେ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିବର୍ଧନ୍ ଦୂଆନ ଓ ପଞ୍ଚ ସଖା ଶିକ୍ଷା ସେତୁ କମିଟି ସଭାପତି ରୋହିତ ଭୁଏ, ଅମ୍ବାଭୋନା ବ୍ଲକ ଖେଳ ଓ କ୍ରୀଡ଼ା ସଂଗଠନ ସମ୍ପାଦକ ଜ୍ୟୋତିଷ ସାହୁ, ଅବସରପ୍ରାପ୍ତ ପୂର୍ବତନ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ଦାସ, ତୁଲରକ୍ଷମ୍ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଭା ପରିଚାଳନା ଶିକ୍ଷକ ମନୋହର ସାହୁ କରିଥିବା ବେଳେ । ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ଓ ପୂଜାର୍ଚ୍ଚନା ପରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୂଖ୍ୟ ଅତିଥି ନାୟକ ସାର ଧ୍ୱଜାରୋହଣ କରିଥିବା ବେଳେ ବିଦ୍ୟାଳୟର ଛାତ୍ର ଆକାଶ ନାୟକ ଶପଥ ଗ୍ରହଣ କରାଇଥିଲେ। ଏହାପରେ ମୂଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଖେଳ ପ୍ରତିଯୋଗୀତା କୁ ଉଦଘାଟନ କରିଥିଲେ। ଆୟୋଜକ ବିଦ୍ୟାଳୟର ପୂର୍ବତନ ଛାତ୍ର ବୁଗବୁଗି ଗ୍ରାମର ତଥା ବର୍ତ୍ତମାନ ବିକାଶ ଶିକ୍ଷାନୁଷ୍ଠାନ ରେ କାର୍ଯ୍ୟରତ ଖେଳ ଶିକ୍ଷକ ସରୋଜ ସେଠ୍ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଧାରା ବିବରଣୀ ପ୍ରଦାନ କରିଥିଲେ ଶିକ୍ଷକ ସନ୍ତୋଷ ମାଝୀ ଓ ପୂର୍ବତନ ଛାତ୍ର ମନୋରଞ୍ଜନ ନାୟକ । ପ୍ରଥମେ ଲଖନପୂର୍ ସବ ବ୍ଲକ ର କର୍ଲା ଉଚ୍ଚ ବିଦ୍ୟାଳୟ ଓ ଭୁକ୍ତା ସବ୍ ବ୍ଲକ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ଭୁକ୍ତା ଦଳ ବିଜୟୀ ହୋଇଥିଲେ । ପ୍ରଥମ ମେଚ ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ସମୀର ବିଶାଳ ଓ ସାଧୁ ଭୋଇ। ଦ୍ୱିତୀୟ ମେଚ କଣ୍ଡପଲକ୍ଷ ଓ ଅମ୍ବାଭୋନକ୍ଷ ସବ୍ ବ୍ଲକ ମଧ୍ୟରେ ହୋଇଥିବା ବେଳେ ଅମ୍ବାଭେନା ଦଳ ବିଜୟୀ ହୋଇ ଥିଲା ବେଳେ ଖେଳ ପରିଚାଳନା କରିଥିଲେ ବିକାଶ ପ୍ରଧାନ ଓ ଶାନ୍ତକ୍ଷନୁ ମିଶ୍ର। ତୃତୀୟ ମେଚ ଦ୍ୱାରି ଓ ଭୁକ୍ତା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ସରୋଜ ସେଠ । ଅନ୍ତିମ ମେଚ୍ ଦ୍ୱାରି ଓ ଅମ୍ବାଭୋନା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଖେଳ ପରିଚଳନକ୍ଷ କରିଥିଲେ ବିକାଶ ପ୍ରଧାନ ।ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ଦ୍ୱାରିକାଧିସ ଉଚ୍ଚ ବିଦ୍ୟାଳୟ ଦ୍ୱାରୀ ଓ ଉପବିଜେତା ହୋଇଥିଲେ ଅମ୍ବାଭୋନା ଦଳ। ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ଫଣିନ୍ଦ୍ରନାଥ ସାହୁ ଓ ରଞ୍ଜିତ ସାହୁ। ଏହି ପ୍ରତିଯୋଗିତାର ମେନ୍ ଅଫ ଦି ସିରିଜ୍ ଅମ୍ବାଭୋନା ର ପ୍ରିନ୍ସ ଦଣ୍ଡସେନା ହୋଇଥିବା ବେଳେ ପ୍ଲେୟାର ଅଫ ଦି ଫାଇନାଲ ହୋଇଥିଲେ ଦ୍ୱାରିର ଦୀନେଶ ଭୋଇ। ଉଦଯାପନୀ ଉତ୍ସବ ରେ ଦ୍ୱାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୁଲାର୍ ସିଂ ପଟେଲ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ବିଶ୍ୱନାଥ ସାହୁ। ଏହି ପ୍ରତିଯୋଗିତାରେ ବ୍ଲକ ର ସମସ୍ତ ଖେଳ ଶିକ୍ଷକ ଉପସ୍ଥିତ ଥିବା ବେଳେ ସହଯୋଗ କରିଥିଲେ ଖେଳ ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ, ତେଜ ରାମ ସାହୁ,ଶିକ୍ଷକ ଶୁଭାଶିଷ ଜଗତ, ଝରଣା ଦାସ, ଶିଳା ଭୋଇ, ଅଚ୍ୟୁତ ନାୟକ, ମଧୁସୂଦନ ବାରିକ, ସ୍ୱପ୍ନକ୍ଷ। ସାହୁ, ଉପମା ପ୍ରଧାନ, ସରସ୍ୱତୀ ଭୋଇ, ସୈରେନ୍ଦ୍ରି ରଥ, ଜୟସ୍ମିତା ମହାନ୍ତି, ମନୋହର ସାହୁ, ତେଜରାମ ସାହୁ, ପିଙ୍କି ଭୋଇ, ଦୀନବନ୍ଧୁ ପଣ୍ଡା, ଶିବ ପ୍ରସାଦ ଦାଶ, ଜିତେନ୍ଦ୍ର ନାୟକ ନେପାଲ ସେଠ, ଆରତୀ ନାୟକ, ଟିକାରାମ ଡିଲା,ବୈକୁଣ୍ଠ ପଟେଲ, ଓ ରାଜେଶ ପଟେଲ।

# ଇଫକୋ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ଉଦଯାପିତ : ଇଫକୋ ପାରାଦୀପ ୟୁନିଟ ବିଜୟୀ



ପାରାଦୀପ ,(ପି.ଏନ): ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ର ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ୨୦୨୫ ପାରାଦୀପ ଇଫକୋ ପରିସରରେ ଜୁନ ୮ ତାରିଖ ରବିବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ପାରାଦୀପ ରେ ପ୍ରଥମ ଥର ଆୟୋଜିତ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ର ଉଦଯାପନୀ ସନ୍ଧ୍ୟାରେ ଇଫକୋ ର ପରିଚ଼ାଳନା ନିର୍ଦ୍ଦେଶକ ଡ଼ଃ. ୟୁ.ଏସ.ଅୱସ୍ତି ଏବଂ ତାଙ୍କ ସହଧର୍ମିଣୀରେଖା ଅୱସ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସର୍ବଭାରତୀୟ ଉତ୍ସବରେ ଇଫକୋ ପାରାଦୀପ ଶାଖା ସମସ୍ତ ଙ୍କ ମଧ୍ୟରେ ବିଜେତା ଘୋଷିତ ହୋଇଥିଲେ । ଏହି ଅବସରରେ ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଡ଼ଃ.ଅୱସ୍ତି ଇଫକୋ ର ଅଭିବୃଦ୍ଧି ନିମନ୍ତେ ଏହାର ଅଧକ୍ଷ ଦିଲୀପ ସାଙ୍ଘାନୀ ଙ୍କ ନିରବଛିନ୍ନ ସମର୍ଥନ ଓ ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ । ତେବେ ଏହି ମହୋତ୍ସବ ର ସଫଳତା ପାଇଁ ସମସ୍ତ ପ୍ରତିଯୋଗୀ ଓ ଆୟୋଜକ ଙ୍କୁ ପ୍ରଶଂସା କରିବା ସହ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ କର୍ମଚାରୀଙ୍କ ପ୍ରତିଭା ପ୍ରଦର୍ଶନ ସହିତ ପରସ୍ପର ଭାବ ର ଆଦାନ ପ୍ରଦାନ କରି ଇଫକୋ ପରିବାର ସୁଦୃଢ ରହିବ ବୋଲି ଶ୍ରୀ ଅୱସ୍ତି କହିଥିଲେ । ସେହିପରି ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏହି ଉତ୍ସବ ର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ୬ ଦିନ ବ୍ୟାପି କାର୍ଯ୍ୟକ୍ରମ ସମସ୍ତଙ୍କୁ ଉପଭୋଗ୍ୟ ହୋଇଥିବା କହିଥିଲେ । ସୂଚ଼ନାଥାଉକି ,ଏହି ଉତ୍ସବରେ ଭାରତର ସମସ୍ତ ଇଫକୋ ୟୁନିଟ ଫୁଲପୁର, କଲୋଲ, ଅନଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଙ୍ଗ ଙ୍କ ସମେତ ପାରାଦୀପ ୟୁନିଟ ଅଂଶଗ୍ରହଣ କରିଥିଲେ ।

# ପାରମ୍ପରିକ ଖାଦ୍ୟ ଦିବସ ପାଳିତ ଆମ ରୁଚି, ଆମ ଖାଦ୍ୟ



ବୋରିଗୁମ୍ମା,(ପି.ଏନ): ବୋରିଗୁମ୍ମା ବ୍ଲକ ପରିସରରେ ଓଡିଶା ପକ୍ଷ ପାଳନ ଅବସରରେ ଆଜି ପାରମ୍ପରିକ ଖାଦ୍ୟ ଦିବସ ତଥା ଆମ ରୁଚି, ଆମ ଖାଦ୍ୟ ଦିବସ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ ।ବ୍ଲକ ପରିସରରେ ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ ରୁ ପ୍ରସ୍ତୁତ ପୋଡପିଠା, ଆରିସା, ସୁପ ସହ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା ।ପାରମ୍ପରିକ ଖାଦ୍ୟ କୁ ବିଡ଼ିଓ ଶ୍ରୀ ପଟ୍ଟନାୟକ ଙ୍କ ସମେତ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଓ ଅନ୍ୟ ବ୍ଲକ କର୍ମଚାରୀ ମାନେ ଖାଇଥିଲେ ।ଆଜି ଓଡ଼ିଆ ପକ୍ଷ ଦିବସ ର ୧୩ ତମ ଦିବସ ।ଏହି ଦିନ କୁ ରାଜ୍ୟ ସରକାର ପାରମ୍ପରିକ ଖାଦ୍ୟ ଦିବସ ଭାବେ ସାରା ଓଡ଼ିଶାରେ ପାଳନ କରୁଛନ୍ତି ।ଆମ ସଂସ୍କୃତି ,ପରମ୍ପରା ଓ ଓଡ଼ିଆ ଅସ୍ମିତା ,ଆମ ଭିତରେ ଏକତା ସୃଷ୍ଟି କରିବା ସହ ଆମେ ଓଡ଼ିଆ ବୋଲି ଗର୍ବ କରିବା ଓଡ଼ିଆ ପକ୍ଷ ପାଳନ ର ମୁଖ୍ୟ ଉଦେଶ୍ୟ ବୋଲି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏବିଡ଼ିଓ ମାଧୁରୀ ଆଚାରୀ,ଏଇଇ ପ୍ରକାଶ ପ୍ରଧାନ,ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା,ବିପିସି ସ୍ୱାତି ପଟନାୟକ, ଜିପିଇଓ ସ୍ୱାଗତିକା ଗୋପାଳ, ଏପିଓ ରମାକାନ୍ତ ବେହେରା,ପିଇଓ ସୁମନ୍ତ ବିଶ୍ୱାଳ, ମହେନ୍ଦ୍ର ପଣ୍ଡା,ଆଇସିଡିଏସ ସୁପ୍ରଭାଇଜର ରୋଜାଲିନ କଟିଆ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ।

# କ୍ଷତି ପୂରଣ ଦାବିରେ ଶବ ରଖି ଫୋରୱେ ରାସ୍ତା ଅବରୋଧ



ଭୁବନେଶ୍ୱର (ପି.ଏନ): ସକାଳ ପହିଲିରେ ସୂର୍ଯ୍ୟ ଉଦୟ ହେଲେ ପକ୍ଷୀମାନେ ନିଜ ବସା ଛାଡ଼ି ଆହାର ଖୋଜିବା ନିମନ୍ତେ ଚ଼ାଲି ଯାଆନ୍ତି କିନ୍ତୁ ସନ୍ଧ୍ୟା ସମୟରେ ଫେରିବା କଷ୍ଟ ହୋଇ ଥାଏ। କିଛି ପକ୍ଷୀ ଶିକାରୀ ହାବୁଡ଼ରେ ପଡ଼ି ଥାଏ ତ କିଏ ଦୁର୍ଘଟଣା ର ଶିକାର ହୋଇ ଥାଏ। ସେହିପରି ଜଣେ ଶ୍ରମିକ ଭାବରେ ନିଜ ପେଟ ପାଟଣା ପାଇଁ ବାହାରି ଯାଆନ୍ତି ନିଜ କର୍ମ କ୍ଷେତ୍ରକୁ କିନ୍ତୁ କିଏବା ଜାଣି ଥିଲା ମୃତ୍ୟୁ ମଧ୍ୟ ଏଭଳି ଆସେ କ୍ଷ ପିକଅପ ଭ୍ୟାନର ପଛ ପଟ ଡାଲା ବନ୍ଦ କରୁଥିବା ସମୟରେ ବିଜୟ ଲକ୍ଷ୍ମୀ ବସ ଯାହାକି ସିନାପାଲି ରୁ ସମ୍ବଲପୁର ଅଭିମୁଖେ ଯାତ୍ରା କରୁଥିବା ସମୟରେ ପଛ ପଟୁ ଶ୍ରମିକକୁ ଧକ୍କା ଦେବା ଫଳରେ ଶ୍ରମିକଟିର ମୃତ୍ୟୁ ଘଟିଥିବା ଜଣାପଡୁଛି କ୍ଷ ମୃତକ ଶ୍ରମିକ ଜଣକ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ପାର୍ଥିବ କେତକୀ ବୟସ ୪୦ ଅଟେ । ନୂଆପଡା ଜିଲ୍ଲା ସିନାପାଲି ସହରରେ ଘଟଣା ଘଟି ଥିବାରୁ ସିନାପାଲି ପୋଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥଲା ।କିନ୍ତୁ ପରିବାର ଲୋକେ କ୍ଷତିପୂରଣ ଦାବିରେ ଧୀଙ୍ଗିଆମୁଣ୍ଡା ଠାରେ ଧର୍ମଗଡ଼- ସିନାପାଲି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଯାହା ଫଳରେ ଯାତ୍ରୀ ମାନଙ୍କ ଯିବା ଆସିବାରେ ବାଧା ଉପୁଜି ଥିବାରୁ ଖବର ପାଇ ସିନାପାଲି ତହସିଲଦାର ଆସି ମୃତକ ପରିବାରକୁ ରେଡ କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ସହ ବସ ମାଲିକଙ୍କ ଠାରୁ କ୍ଷତି ପୂରଣ ନିମନ୍ତେ ବୁଝା ସୁଝା ପରେ ସ୍ଥିତି ସୁଧୁରିଥିବା ଜଣା ପଡିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray